୨୯ ଜୁନ୍ ୨୦୨୫ ରବିବାର




# ଏଥରର ରଥଯାତ୍ରା



ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ପ୍ରାଚୀନତାକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଥାଏ । ଏହାର ବର୍ଣ୍ଣନା ବିଭିନ୍ନ ପୁରାଣ ଓ ବେଦରେ ରହିଛି । ଋକବେଦରେ ଥିବା ବର୍ଣ୍ଣନା ଅନୁସାରେ ସୂର୍ଯ୍ୟଦେବ ସବୁବେଳେ ରଥରେ ଯାତ୍ରା କରିଥାଆନ୍ତି । ତେବେ ଶ୍ରୀଜିୟୁଙ୍କର ରଥଯାତ୍ରା ବା ଘୋଷଯାତ୍ରା ପୃଥିବୀ ପ୍ରସିଦ୍ଧ । ଏହା ଜଗନ୍ନାଥଙ୍କର ଦ୍ୱାଦଶ ଯାତ୍ରା ମଧ୍ୟରୁ ଗୋଟିଏ । ଏହା ଠାକୁରଙ୍କର ସର୍ବଶ୍ରେଷ୍ଠ ପର୍ବ ବୋଲି ବିବେଚନା କରାଯାଇଥାଏ । ଓଡ଼ିଆ ଜାତିର ସାଂସ୍କୃତିକ ଜୀବନର ମୁଖ୍ୟ ଧାରା ରୂପେ ଏହା ଗୃହୀତ । ଏହି ଯାତ୍ରାର ବର୍ଣ୍ଣନା ବ୍ରହ୍ମ ପୁରାଣ, ନାରଦ ପୁରାଣ, କପିଳା ସଂହିତା, ସ୍କନ୍ଦ ପୁରାଣ, ନାରଦ ପୁରାଣ, ବାମଦେବ ସଂହିତା, ନୀଳାଦ୍ରି ମହୋଦୟ ଆଦି ପ୍ରାଚୀନ ପୁରାଣମାନଙ୍କରେ ରହିଛି । ଏହାର ଆରମ୍ଭ ନେଇ ସେଭଳି କୌଣସି ତଥ୍ୟ ନଥିଲେ ମଧ୍ୟ ଏହା ବହୁ ପ୍ରାଚୀନ ବୋଲି ତଥ୍ୟ ରହିଛି । ଏହାର ଆରମ୍ଭକୁ ନେଇ ଅନେକ ବର୍ଣ୍ଣନା ରହିଛି । ବିଭିନ୍ନ ପୁରାଣ ଓ ବିଭିନ୍ନ ଲେଖକ ଏହାକୁ ନେଇ ଅନେକ ନୂଆନୂଆ ତଥ୍ୟ ରଖିଛନ୍ତି । ସେହିଭଳି ଏକ ତଥ୍ୟା ଦେଇଛନ୍ତି ଡ. ସତ୍ୟନାରାୟଣ ରାଜଗୁରୁ । ତାଙ୍କ ତଥ୍ୟ ଅନୁସାରେ ମହାରାଜା ଅନଙ୍ଗ ଭୀମଦେବ (୩ୟ)ଙ୍କ ରାଜତ୍ୱ କାଳରେ ୧୨୩୦ ଖ୍ରୀ.ଅ.ରେ ବଡ ଦେଉଳ ପ୍ରତିଷ୍ଠା ସମ୍ପନ୍ନ ହେଲା । ସେଥିରେ ମନ୍ଦିରର ବିଗ୍ରଙ୍କ ଆରାଧନା ପାଇଁ ସ୍ଥାନ ଅଭିବ ହେବାରୁ ଚୋଡ ଗଙ୍ଗଦେବ ବଡ ଆକାରର ଆଉ ଏକ ମନ୍ଦିର ନିର୍ମାଣ ପାଇଁ ଶୁଭ ଦେଇଥିଲେ । ଯେଉଁଥିରେ ଦାରୁପ୍ରତିମାଙ୍କୁ ପ୍ରତିଷ୍ଠା କରାଗଲା । ତେବେ ଏହି ଦିନ ଠାରୁ ପୁରୀରେ ରଥଯାତ୍ରାର ପ୍ରଚଳନ ହୋଇଥିବା ଅନୁମାନ କରାଯାଇପାରେ ବୋଲି ଡ. ସତ୍ୟନାରାୟଣ ରାଜଗୁର ମତ ଦେଇଥାଆନ୍ତି । ତେବେ ଏ ତଥ୍ୟର କୌଣସି ପ୍ରମାଣ ନାହିଁ । ତେବେ ମାଦଳା ପାଞ୍ଜିରେ ଥିବା ତଥ୍ୟ ଅନୁସାରେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀରେ ଯଯାତି ପୁରୀରେ ଦାରୁ ବିଗ୍ରହ ପ୍ରତିଷ୍ଠା କରିସାରିଥିଲେ । ତେବେ ରଥଯାତ୍ରାର ପ୍ରଚଳନ ନେଇ ଭିନ୍ନଭିନ୍ନ ମତ ସବୁବେଳେ ରହିଆସିଛି । କେତେକ ଗବେଷକଙ୍କ ମତରେ ଜଗନ୍ନାଥ ଆଦିବାସୀ ଶବରମାନଙ୍କ ଦେବତା ହୋଇଥିବାରୁ ଏହି ରଥଯାତ୍ରା ପଛରେ ସେମାନଙ୍କ ଏକ ପରମ୍ପରା ପ୍ରେରଣା ଯୋଗାଉଛି । ଆମ୍ବ ପାଚିଲାପରେ ଆଷାଢମାସର ପ୍ରଥମେ ଆଦିବାସୀଙ୍କର ଏକ ପୂଜାର ଆୟୋଜନ କରାଯାଇଥାଏ । ଯେଉଁଥିରେ ଏକ ଚାରିଚକିଆ ଛୋଟ ରଥ କରାଯାଇ ସେଥିରେ ଗାଁ ମୁଣ୍ଡ ଠାକୁରାଣୀଙ୍କୁ ଦୁଇ ଠାକୁରଙ୍କ ମଝିରେ ବସାଯାଇ ରଥଯାତ୍ରା ଭଳି ବୁଲା ଯାଇଥାଏ । ଏଥିରେ ଠାକୁରାଣୀଙ୍କର ସମସ୍ତ ଆସବାବ ପତ୍ର ଯିବାର ବ୍ୟବସ୍ଥା ମଧ୍ୟ ରହିଥାଏ । ଯାହାର ସାମଞ୍ଜସ୍ୟ ପୁରୀର ରଥଯାତ୍ରା ସହିତ ରହିଛି । ଏହି ଯାତ୍ରାକୁ ରଥଯାତ୍ରାର ଆରମ୍ଭ ଯାତ୍ରା ବୋଲି କିଛି ଗବେଷକ ମତ ଦେଇଥାଆନ୍ତି । ଆଦିବାସୀ ସମ୍ପ୍ରଦାୟର ଠାକୁର ମଧ୍ୟ କାଠରେ ପ୍ରସ୍ତୁତି ହୋଇଥିବାବେଳେ ଏମାନଙ୍କର ହାତ ଗୋଡ ନଥାଏ । ସେହିଭଳି କିଛି ଗବେଷକଙ୍କ ମତରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧ ପରମ୍ପରାର ସୃଷ୍ଟି । ଜଗନ୍ନାଥଙ୍କର କାଠ ମୂର୍ତ୍ତିର ନିର୍ମାଣ ସରିବା ପରେ ବୌଦ୍ଧ ପ୍ରଥା ଅନୁସାରେ ତାଙ୍କର ସ୍ନାନଯାତ୍ରା, ରଥଯାତ୍ରା ପ୍ରଭୃତି ଆରମ୍ଭ ହୋଇଛି । ସ୍ନାନଯାତ୍ରା ଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ଜଗନ୍ନାଥଙ୍କ











ସେବା ଦଇତା ସେବକଙ୍କ ଉପରେ ନ୍ୟସ୍ତ । ସେହିଭଳି ଜଗନ୍ନାଥଙ୍କର ଦୁଇଟି ସର୍ବଶ୍ରେଷ୍ଠ ଅନୁଷ୍ଠାନ ହେଲା ସ୍ନାନ ଯାତ୍ରା ଏବଂ ରଥଯାତ୍ରା । ସ୍ନାନଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଥାଏ, ସେହିଭଳି ବର୍ଷ ଆରମ୍ଭର କିଛି ଦିନ ପରେ ବୁଦ୍ଧମୂର୍ତ୍ତିଙ୍କୁ ବାହାରକୁ ଆଣି ସ୍ନାନ କରାଇବା ବୌଦ୍ଧ ଧର୍ମରେ ହେଉଥିବା ପୂଜା ବିଧିର ଏକ ଅଂଶ ବୋଲି ବର୍ଣ୍ଣନା ରହିଛି । ତେବେ ଏଭଳି ଅନେକ ବୃତାନ୍ତ ରଥଯାତ୍ରାକୁ ନେଇ ରହିଛି । କିଛି ବୃତାନ୍ତର ପ୍ରମାଣ ଥିବାବେଳେ କିଛି ଆଜି ବି ଆଲୋଚନାରେ ରହି ଯାଇଛି । ତେଣୁ ରଥଯାତ୍ରାର ଇତିହାସ ବା ଏହା କେବେଠାରୁ ଆରମ୍ଭ ତାକୁ ନେଇ ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ବର୍ଣ୍ଣନା ନାହିଁ । ତେବେ ସୂଚନା ଅନୁସାରେ ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ । ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ । ୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି । ମେଘନାଦ ପାଚେରି ପରେ କୂର୍ମ ବେଢ଼ାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି । ଖ୍ରୀଷ୍ଟୀୟ ତ୍ରୟଦଶ ଶତାବ୍ଦୀରେ ରଚିତ ମାଦଳାପାଞ୍ଜିରେ ପୁରୀ ରଥଯାତ୍ରାର ବର୍ଣ୍ଣନା ରହିଛି । ଏଥିରେ ବର୍ଣ୍ଣନା ଅନୁସାରେ ପୂର୍ବରୁ ଛଅ ରଥ କରାଯାଉଥିଲା । ହେଲେ ପରେ ରାଜା ନରସିଂହ ଦେବ ବାଙ୍କିମୁହାଣକୁ ପୋତି ତିନି ରଥ କରାଇଲେ । ଗୁଣ୍ଡିଚାଘର ଦେଉଳ କାଠ ମଣ୍ଡପକୁ ପଥର ମଣ୍ଡପ କରାଇଥିଲେ । ପ୍ରଥମେ ଶ୍ରୀମନ୍ଦିର ଠାରୁ ବଳଗଣ୍ଡି ପର୍ଯ୍ୟନ୍ତ ତିନୋଟି ରଥ ଓ ବଳଗଣ୍ଡି ଠାରୁ ଆରପାଖରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଆଉ ତିନି ରଥ କରାଯାଉଥିଲା । କାରଣ ସେହି ସମୟରେ ମଝିରେ ରହିଥିଲା ମାଳିନୀ ନଦୀ ଓ ବାଙ୍କି ମୁହାଣ, ଯାହାକୁ ଦୋଳଚାପ ସାହାଯ୍ୟରେ ପାର କରାଯାଉଥିଲା । ତେବେ ଏସମ୍ପର୍କିତ ତଥ୍ୟ ଥିଲେ ମଧ୍ୟ କେବେ ଠାରୁ ଏହି ଛଅ ରଥର ପ୍ରଚଳନ ହେଲା ସେନେଇ କୌଣସି ତଥ୍ୟ ନାହିଁ । ସୂଚନା ଅନୁସାରେ ପରଶୁକେଶରୀ ନାମକ ରାଜାଙ୍କ ଦୁଇବର୍ଷର ରାଜତ୍ୱ କାଳରେ ଥରେ ବି ରଥଯାତ୍ରା ହୋଇପାରିନଥିଲା । ଅକାଳ ମୁଷଳଧାରା ବୃଷ୍ଟି ହେବାରୁ ରଥଯାତ୍ରା ନହୋଇ ସିଂହଦ୍ୱାରରେ ରଥ ରହି ଦକ୍ଷିଣାଭିମୁଖୀ ପୂଜା ହେଲା । ତେବେ ଏହାପରେ ଚୋଡଗଙ୍ଗ ଦେବ ନୂଆ ମନ୍ଦିର କରିଥିବାନେଇ ସୂଚନା ରହିଛି । ଚୋଡଗଙ୍ଗ ଦେବ ୧୨୫ ହାତର ମନ୍ଦିର, ୩୨ ହାତର ରଥ ଓ ଠାକୁରଙ୍କ ମୂର୍ତ୍ତି ସାତପାର ପ୍ରସ୍ତୁତ କରିଥିଲେ । ଏହି ସମୟରେ ରଥକୁ ଛଅଗୋଟି ହାତୀଙ୍କ ଦ୍ୱାରା ଟଣା ଯାଉଥିଲା । ପ୍ରଥମେ ଚୋଡଗଙ୍ଗ ଦେବ ରଥ ଦଉଡି ଟାଣିବା ପରେ ହାତୀମାନେ ଏହାକୁ ମିଶି ଟାଣୁଥିଲେ । ତେବେ ଏଭଳି ଛଅପୁରୁଷ ଚାଲିବା ପରେ ଅନଙ୍ଗଭୀମ ନରପତି ରଥଯାତ୍ରା ପାଇଁ ଛତିଷା ନିଯୋଗର ଗଠନ କରିଥିବା ନେଇ ବର୍ଣ୍ଣନା ରହିଛି ।

ରଥଯାତ୍ରା ଦିନ ମହାପ୍ରଭୁଙ୍କର ଦେଖିବାକୁ ମିଳିଥାଏ ସ୍ୱତନ୍ତ୍ର ନୀତିକାନ୍ତି । ଶ୍ରୀଗୁଣ୍ଡିଚାଦିନ ପ୍ରତ୍ୟୁଷରେ ମଙ୍ଗଳଆଳତି, ମଇଲମ, ତଡପଲାଗି ଅବକାଶ ବେଶ ଲାଗି, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ଗରୁଡଙ୍କୁ ନୈବେଦ୍ୟ ନୀତି ସମାହିତ ହେବା ପରେ ଗୋପାଳବଲ୍ଲଭ ଓ ସକାଳ ଧୂପ ହୋଇଥାଏ । ସକାଳଧୂପରେ ଖେଚୁଡି, ଶାଗ, ଭଜା, ସର, ଖୁଆ ମଣ୍ଡା, ସେପେଟା,ପଣସ ଭଳି ବିଭିନ୍ନ ପ୍ରକାରର ଫଳ ସହ ବିଭିନ୍ନ ଦିବ୍ୟ ବ୍ୟଞ୍ଜନ ଠାକୁରଙ୍କୁ ଭୋଗ ଲାଗିଥାଏ ଯାହାପରେ ଠାକୁର ରଥ ଉପରକୁ ବିରାଜମାନ କରନ୍ତି । ଭୋଗପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନିବାଡରେ ମଙ୍ଗଳାର୍ପଣ ନୀତି ସମାପନ କରନ୍ତି । ବଡବାଡ ( ଶ୍ରୀବଳଭଦ୍ରଙ୍କ ରଥ)ରେ ମୁଦିରସ୍ତ, ମଝିବାଡ (ଦେବୀ ସୁଭଦ୍ରାଙ୍କ ରଥ)ରେ ପତିମହାପାତ୍ର ଏବଂ ମହାପ୍ରଭୁବାଡ ( ଶ୍ରୀଜଗନ୍ନାଥଙ୍କ ରଥ)ରେ ପୂଜାପଣ୍ଡା ମଙ୍ଗଳାର୍ପଣ କରିଥାଆନ୍ତି । ଗରାବଡୁ ସେବକ, ଶୁଦ୍ଧସୁଆର ଓ ଭଣ୍ଡାରମେକାପ ଏହି ମଙ୍ଗଳାର୍ପଣ ନୀତି ପାଳନରେ ଭାଗ ନେଇଥାଆନ୍ତି । ମଙ୍ଗଳାର୍ପଣ ପରେ ମୁଦିରସ୍ତ ତିନିବାଡରେ ଡୋରଲାଗି, ପୁଷ୍ପାଞ୍ଜଳି ଓ ତୂଳିଲାଗି କରନ୍ତି । ଏଥିପାଇଁ ରାଘବଦାସ ମଠ ନୂଆତୂଳି ଯୋଗାଇଥାନ୍ତି । ଏହାପରେ ବିଜେ କାହାଳୀ ବାଜି ପହଣ୍ଡିବିଜେ ଆରମ୍ଭ ହୋଇଥାଏ ।

## ଗଜପତି ମହାରାଜା ସେବା

ଗଜପତି ମହାରାଜା ଶ୍ରୀମନ୍ଦିରର ଆଦ୍ୟ ସେବକ ଅଟନ୍ତି ଏବଂ ସେ ଏ ସେବା ନିଜେ ସମ୍ପାଦନ କରନ୍ତି । ଏହାଙ୍କ ଅନୁପସ୍ଥିତିରେ ମୁଦିରସ୍ତ ଏ ସେବା ତୁଲାଇପାରିବେ । ଗଜପତି ରଥଯାତ୍ରାରେ ତିନି ରଥରେ ବିଜେ ଓ ବାହୁଡାରେ ଛେରାପହଁରା ଓ ରାଜନୀତି କରନ୍ତି । ଚନ୍ଦନ ଯାତ୍ରାରେ ଚାପ ଉପରେ ପ୍ରଥମ ଦିନ ଓ ଶ୍ରୀଜୀଉଙ୍କର ରାଜବେଶରେ ମନ୍ଦିରକୁ ବିଜେ କଲେ ରାଜନୀତି କରନ୍ତି । ସେ ମନ୍ଦିରକୁ ଗଲେ ବାଜା କାହାଳୀ ସହ ଯାଆନ୍ତି । ସେପରି ଗଲେ ପାଲିଙ୍କି ସିଂହଦ୍ୱାରେ ରହେ ଏବଂ କରଣ, ପରିଛା ଓ ସେବକମାନେ ତାଙ୍କୁ ପାଛୋଟି ନିଅନ୍ତି । ଏହାଙ୍କ ରାଣୀ (ପାଟ ମହାଦେଈ) ତାଙ୍କ ସଙ୍ଗରେ ଗଲେ ତାଙ୍କ ସବାରି ବଟବୃକ୍ଷ ମୂଳ ପର୍ଯ୍ୟନ୍ତ ଯାଏ ଓ ମନ୍ଦିର ପୂରା ଶୋଧ ହୋଇଥାଏ ଏବଂ କେବଳ ମୁଦିରସ୍ତ ତାଙ୍କୁ ଦର୍ଶନ କରାଏ । ଏହାକୁ ଗହଣ ବିଜେ କୁହାଯାଏ । ସେହିଭଳି ଗଜପତିଙ୍କର ରଥଯାତ୍ରା ଓ ବାହୁଡା ଦିନ ସ୍ୱତନ୍ତ୍ର ଛେରାପହଁରା ଭଳି ସ୍ୱତନ୍ତ୍ରନୀତି ରହିଥାଏ ।





# ନିଆରା ରଥଯାତ୍ରା

## ଶିଆଳି ଲଟାରେ ରଥ ଦଉଡ଼ି

ରଥଯାତ୍ରା ଦିନ ପୁରୀ ସହିତ ଓଡ଼ିଶାର ପ୍ରତିଟି ଗ୍ରାମରେ ରଥ ବୁଲିଥାଏ । ପ୍ରତି ଜିଲ୍ଲା ଓ ଗ୍ରାମରେ ଖୁବ ସ୍ୱତନ୍ତ୍ର ଓ ଶ୍ରଦ୍ଧାର ସହିତ ରଥଯାତ୍ରାକୁ ପାଳନ କରାଯାଇଥାଏ । ସେହିଭଳି ଏକ ସ୍ଥାନ ହେଲା କେନ୍ଦୁଝର, ଯେଉଁଠାରେ ପାଳନ ହୋଇଥାଏ ନିଆରା ଢଙ୍ଗରେ ରଥଯାତ୍ରା । ଏଠାରେ ରଥଯାତ୍ରାରେ ରଥ ଦଉଡି ଭାବେ ବ୍ୟବହାର ହୋଇଥାଏ ଶିଆଳି ଲଟା । ଏହି ଶିଆାଳି ଲଟାର ଦଉଡିକୁ ରଥଯାତ୍ରାର ଅନେକ ଦିନ ପୂର୍ବରୁ ପ୍ରସ୍ତୁତି କରାଯିବା ଆରମ୍ଭ କରାଯାଇଥାଏ । ପୂର୍ବରୁ ଏହି ଦଉଡିକୁ ଜୁଆଙ୍ଗ ଓ ଭୂଇଁଆ ସମ୍ପ୍ରଦାୟର ଲୋକମାନେ ପ୍ରସ୍ତୁତ କରିଥାଆନ୍ତି । କାହିଁ କେଉଁ କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସିଛି । ତେବେ କିଛି ବର୍ଷ ଭିତରେ ଏହି ପରମ୍ପରାରେ ପରିବର୍ତ୍ତନ ଘଟିଥିବାର ଦେଖିବାକୁ ମିଳୁଛି । ବର୍ତ୍ତମାନ କେବଳ ଭୂଇଁଆ ସମ୍ପ୍ରଦାୟର ଲୋକ ଏହାକୁ ସ୍ଥାନୀୟ ମନ୍ଦିରକୁ ଯୋଗାଉଛନ୍ତି । ସେମାନେ ଏହି ଦଉଡିକୁ ଶିଆଳି ଗଛର ବକଳରୁ ପ୍ରସ୍ତୁତ କରିଥାଆନ୍ତି, ଯାହାକୁ ସେମାନେ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । କେନ୍ଦୁଝର ଜିଲ୍ଲା ବଂଶପାଳ ବ୍ଲକର ଦଅଁଳା ଗାଁର ଭୂଇଁଆ ସମ୍ପ୍ରଦାୟର ଲୋକମାନ ଏହି ଦଉଡି ଯୋଗାଇ ଥାଆନ୍ତି । କେନ୍ଦୁଝର ଜିଲ୍ଲାର ରଥଯାତ୍ରା ଆରମ୍ଭରୁ ଏହି ଦଉଡି ସେମାନେ ମନ୍ଦିରକୁ ଯୋଗାଇ ଆସୁଛନ୍ତି । ଅକ୍ଷୟତୃତିୟାରୁ ଏହି କାମ ଆରମ୍ଭ ହୋଇଥାଏ । ଏହି ଦିନ ଠାରୁ ସେମାନେ ଗନ୍ଧମାର୍ଦ୍ଦନ ପର୍ବତରୁ ବକ୍କଳ ବା ଛାଲ ସଂଗ୍ରହ କରିବା କାମ ଆରମ୍ଭ କରିଥାଆନ୍ତି । ଦେବସ୍ନାନ ପୂର୍ଣ୍ଣିମାରେ ଆଜ୍ଞାମାଳ ପାଇବା ପରେ ଏହି ଦଉଡି ପ୍ରସ୍ତୁତି ଆରମ୍ଭ ହୋଇଥାଏ । ସେହିଭଳି ଯେଉଁ ଶିଆଳି ଗଛରେ କୌଣସି ଚଢେଇ ବସା କରିନଥିବେ, ଲତାଟି ଗଛ ଉପରୁ ତଳକୁ ଲମ୍ବିଥିବ କେବଳ ସେହି ଗଛରୁ ହିଁ ବକ୍କଳ ବାହାର କରାଯାଇ ଦଉଡି ପ୍ରସ୍ତୁତ କରାଯାଇଥାଏ । ଏହି ଦଉଡିର ଲମ୍ବ ୧୦୮ ହାତ ରହିଥିବାବେଳେ ମୋଟେଇ ୬ ଇଞ୍ଚ ରହିଥାଏ ।

–ଅଞ୍ଜନ କୁମାର ରଣା

**ରଥଯାତ୍ରା ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ବିଶ୍ୱରେ ସୃଷ୍ଟି କରିଥାଏ । ତେବେ କେବଳ ପୁରୀ ନୁହେଁ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ ରଥଯାତ୍ରା ଖୁବ ଶ୍ରଦ୍ଧାର ସହିତ ପାଳନ ହୋଇଥାଏ । ଏଥିମଧରେ ଏଭଳି କିଛି ସ୍ଥାନ ରହିଛି ଯେଉଁଠାରେ ରଥଯାତ୍ରା ଖୁବ ସ୍ୱତନ୍ତ୍ର ।**

## ଏକା ଜଗନ୍ନାଥ

ନବରଙ୍ଗପୁରର ଜଗନ୍ନାଥ ମନ୍ଦିର ଖୁବ୍ ପୁରୁଣା । କିନ୍ତୁ ତ୍ରିମୂର୍ତ୍ତି ନବ କଳେବର ଧାରଣ କରିଛନ୍ତି । ପୁରୁଣା ମନ୍ଦିର ଯେଉଁ ସ୍ଥାନରେ ଥିଲା ସେହି ସ୍ଥାନରେ ନୂତନ ମନ୍ଦିର ବି ନିର୍ମିତ ହୋଇଛି । ଏହି ଜିଲ୍ଲାରେ ଅନେକ ଜଗନ୍ନାଥ ମନ୍ଦିର ରହିଛି । କିନ୍ତୁ ନବରଙ୍ଗପୁର ସହରରେ ଥିବା ମନ୍ଦିରଟି ସବୁଠାରୁ ପୁରୁଣା । ନୂତନ ମନ୍ଦିର ନିର୍ମାଣ ପାଇଁ ତିନି ଶତାବ୍ଦୀ ପୁରୁଣା ମନ୍ଦିରକୁ ଧୀରେ ଧୀରେ ଭାଙ୍ଗି ଦିଆଯାଇଥିଲା । ମନ୍ଦିରର କାଠ ଛାତ ଉପରେ ଜଟିଳ କାରୁକାର୍ଯ୍ୟ ରହିଛି । ଏହା ବିକ୍ରମ ଦେବ ପ୍ରଥମଙ୍କ ଶାସନ ସମୟରେ ୧୭୫୮ରୁ ୧୭୮୧ ମଧ୍ୟରେ ନିର୍ମିତ ହୋଇଥିଲା । ୮୦ ଦଶକର ଶେଷ ପର୍ଯ୍ୟନ୍ତ ଗର୍ଭଗୃହରେ ପ୍ରଭୁ ଜଗନ୍ନାଥଙ୍କ ଏକମାତ୍ର ମୂର୍ତ୍ତି ପୂଜା ପାଉଥିଲେ । କୁହାଯାଏ ଯେ ଭଗବାନ ବଳଭଦ୍ର ଏବଂ ଦେବୀ ଶୁଭଦ୍ରାଙ୍କ କାଠ ମୂର୍ତ୍ତିଗୁଡ଼ିକୁ ବସ୍ତରର ଜଣେ ଶାସକ ନେଇ ଜଗଦଲପୁରର ଏକ ମନ୍ଦିରରେ ରଖିଥିଲେ । ସେ ପ୍ରଭୁ ଜଗନ୍ନାଥଙ୍କ ମୂର୍ତ୍ତିକୁ ନେଇଯିବାକୁ ଚେଷ୍ଟା କରିଥିଲେ । କିନ୍ତୁ ମୂର୍ତ୍ତିଟି ଚମତ୍କାର ଭାବରେ ହାତୀ ପଛରୁ ଖସିଗଲା ଏବଂ ପରଦିନ ସ୍ଥାନୀୟ ଲୋକମାନେ ମୂର୍ତ୍ତିଟିକୁ ଉଦ୍ଧାର କରିଥିଲେ । ୧୭୭୦ ପରଠାରୁ ୧୯୫୮ ଯାଏ ୨୧୬ ବର୍ଷ କାଳ ଗୋଟିକିଆ ପତିତପାବନ ମୂର୍ତ୍ତି ନବରଙ୍ଗପୁରର ରାଜଧାନୀରେ ଘୋଷଯାତ୍ରା କରି ଆସୁଥିଲେ । ବିଖ୍ୟାତ ଲେଖିକା କୁମାରୀ ବସନ୍ତୀ ରାଜୁ ତାଙ୍କ ନବରଙ୍ଗପୁର ଇତିହାସ ଓ ଜଗନ୍ନାଥ ମହିମା ଲେଖାରେ ୧୯୫୮ର ଦୋଳ ସଂଖ୍ୟାରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ପରେ ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ଅନୁଧ୍ୟାନ କରି ପୁଣି ନୂତନ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଦାରୁ ବିଗ୍ରହ ଶ୍ରୀକ୍ଷେତ୍ରରେ ନିର୍ମାଣ କରାଇ ଆଣି ନବରଙ୍ଗପୁର ମନ୍ଦିରରେ ସାନି ସ୍ଥାପନ କରିଛନ୍ତି । ସୁତରାଂ ୧୯୮୭ରୁ ଆଜିଯାଏ ତିନି ବିଗ୍ରହଙ୍କ ଘୋଷ ଯାତ୍ରା ଚାଲିଛି । ଏଠିକାର ଘୋଷଯାତ୍ରା ଖୁବ ନିଆରା । ନବରଙ୍ଗପୁରର ଘୋଷଯାତ୍ରାକୁ ଆଖପାଖର ଆଦିବାସୀ ଅପେକ୍ଷା କରି ରହିଥାନ୍ତି । ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଜନଜାତି ଲୋକେ ସମାଗମ ହୁଅନ୍ତି ।

–କୀର୍ତ୍ତି ଚନ୍ଦ୍ର ସାହୁ





# ଜଗା ସେବାରେ ଆୟୁର୍ବେଦ

ଶ୍ରୀଜଗନ୍ନାଥ ସଂସ୍କୃତିରେ ଓଡ଼ିଆ ଜନଜୀବନ, ସଂସ୍କୃତି ଓ ପରମ୍ପରା ପ୍ରତିଫଳିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମାନବୀୟ ଲୀଳାରେ ସମୃଦ୍ଧ ଏହି ସଂସ୍କୃତି । ଜଗନ୍ନାଥଙ୍କ ମହାପ୍ରସାଦର ମହିମା କେବଳ ଧର୍ମୀୟ ଦୃଷ୍ଟିରେ ସୀମିତ ନୁହେଁ ଏହା ମଧ୍ୟ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଚଉଷଠୀ ପ୍ରକାର ଅନ୍ନବ୍ୟଞ୍ଜନ ପ୍ରସ୍ତୁତିରେ ଯେଉଁ ପ୍ରକ୍ରିୟା ରହିଛି, ତାହା ପ୍ରଦୂଷଣମୁକ୍ତ । ଅବଢା କୁଡୁଆରେ (ମାଟିପାତ୍ର) ପରିବେଷ୍ଟିତ ଏହି ମହାପ୍ରସାଦ ଶାନ୍ତିପ୍ରଦ, ସଂପୂର୍ଣ୍ଣ ନିରାମିଷ ଏବଂ ଉତ୍ତେଜନା ବିହୀନ । ଏହି ଖାଦ୍ୟ ସେବନ କଲେ ଶରୀର ଓ ମନ ଶାନ୍ତ, ଶୀତଳ ହୁଏ । ଆମ ହିନ୍ଦୁ ଧର୍ମର ପରମ୍ପରାରେ ଅନ୍ନକୁ ବ୍ରହ୍ମ ଭାବରେ କୁହାଯାଇଛି । ପୁରୀ ଶ୍ରୀକ୍ଷେତ୍ର ହେଉଛି ଅନ୍ନବ୍ରହ୍ମଙ୍କର ଉପାସନାର ପୀଠ । ଆୟୁର୍ବେଦରେ ଅନ୍ନ ଅର୍ଥ ଜୀବନଶକ୍ତି । ତେଣୁ ଜଗନ୍ନାଥଙ୍କ ମହାପ୍ରସାଦ ସେବନରେ ଯେଉଁ ଗୁଣଧର୍ମ ରହିଥାଏ ତାହା ଆମର ସ୍ୱାସ୍ଥ୍ୟ ପାଇଁ ସର୍ବାଦୌ ଅନୁକୂଳ ଓ ଉପକାରୀ । ଆୟୁର୍ବେଦର ଅନୁସରଣ କରି ଜଗନ୍ନାଥଙ୍କର ସମସ୍ତ ସେବା, ପୂଜା, ନୀତି ନିର୍ଘଣ୍ଟ ଗଢିଉଠିଛି । ମରଣଶୀଳ ଶରୀର ଧାରଣ କରି ଯେପରି ମଣିଷ ରୋଗାକ୍ରାନ୍ତ ହୁଏ, ଜଗତର ନାଥ ହୋଇ ମଧ୍ୟ ଶ୍ରୀଜଗନ୍ନାଥ ସେଥିରୁ ବାଦ ଯାଇନାହାନ୍ତି । ସାଧାରଣ ମଣିଷକୁ ଯେପରି ଜ୍ୱର ହୁଏ, ଶ୍ରୀ ଜଗନ୍ନାଥ ସେହିପରି ପ୍ରତିବର୍ଷ ଆଷାଢ ମାସ ପ୍ରତିପଦଠାରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ୧୫ ଦିନ ଧରି ଜ୍ୱରାକ୍ରାନ୍ତ ହୋଇଥାନ୍ତି । ଜ୍ୱର ହେଲେ ରୋଗୀକୁ ଯେପରି ଭାତ ଖାଇବାକୁ ମନା କରାଯାଏ, ସେହିପରି ଶ୍ରୀଜଗନ୍ନାଥଙ୍କୁ ତାଙ୍କର ନିତ୍ୟ ନୈମିତିକ ପ୍ରସାଦରୁ ବଞ୍ଚିତ କରାଯାଇ କେବଳ ଦୁଗ୍ଧ ସର, ଫଳ, ମୂଳ ଆଦି ଭୋଗ କରାଯାଏ । ଏହି ଜ୍ୱରରୁ ଆରୋଗ୍ୟ ହେବା ପାଇଁ ଶ୍ରୀଜଗନ୍ନାଥଙ୍କୁ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ଦଶମୂଳ ମୋଦକ ପ୍ରଦାନ କରାଯାଇଥାଏ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ଅନୁଯାୟୀ ଦଶମୂଳ ମୋଦକ ଦଶଟି ବୃକ୍ଷଲତାରୁ ପ୍ରସ୍ତୁତ କରାଯାଇଥାଏ । ଏଥିରେ ବୃହତ ପଂଚମୂଳ ଏବଂ ଲଘୁ ପଂଚମୂଳ ସାମିଲ ହୋଇଥାଏ । ବୃହତ୍ ପଂଚମୂଳ ହେଲା ବେଲ, ଅଗ୍ନିମନ୍ଥ , ଗମ୍ଭାରୀ, ଶ୍ୱେନାକ , ପାଟଳା ଏବଂ ଲଘୁ ପଂଚମୂଳ ହେଲା ବୃହତୀ , କଂଟକରୀ , ଶାଳପର୍ଣ୍ଣୀ , ଗୋକ୍ଷୁରା , ପୃଷ୍ଣପର୍ଣ୍ଣୀ । ଏହା ତ୍ରିଦୋଷ ନାଶକ । ଏହି ଦଶମୂଳ ମୋଦକ ଖାଇବା ପରେ ଶ୍ରୀଜଗନ୍ନାଥ ସଂପୂର୍ଣ୍ଣ ଆରୋଗ୍ୟ ଲାଭ କରି ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି ।

ଶ୍ରୀଜଗନ୍ନାଥ ବିଗ୍ରହ ଶ୍ରୀମୁଖରେ ବହୁ ପ୍ରକାର ରଙ୍ଗ ପ୍ରଲେପ ଦିଆଯାଏ । ହିଙ୍ଗୁଳ, ହରିତାଳ, ଶଙ୍ଖ ଓ ବଳା ସହ କସ୍ତୁରୀ ଓ କର୍ପୁର ମିଶ୍ରଣ କରି ଏହି ରଙ୍ଗ ପ୍ରସ୍ତୁତ କରାଯାଏ । କସ୍ତୁରୀ ଓ କର୍ପୂରରେ ବହୁ ଔଷଧୀୟ ଗୁଣ ଭରପୁର ହୋଇ ରହିଥିବାରୁ ଏଥିରେ ଆୟୁର୍ବେଦର ବହୁ ମୂଲ୍ୟବାନ ଔଷଧ ପ୍ରସ୍ତୁତ କରାଯାଇପାରୁଛି । ପ୍ରତ୍ୟେକ ଉତ୍କଳୀୟଙ୍କ ପରି ଶ୍ରୀଜଗନ୍ନାଥ ମଧ୍ୟ ସକାଳୁ ଉଠିବା ପରଠାରୁ ରାତ୍ରିରେ ଶୋଇବା ପର୍ଯ୍ୟନ୍ତ ଦାନ୍ତ ଘଷିବା, ସ୍ନାନ କରିବା ଓ ଭୋଜନାଦି କରିଥାନ୍ତି । ଶ୍ରୀଜଗନ୍ନାଥଙ୍କୁ ପ୍ରତି ସକାଳର ମଙ୍ଗଳ ଆରତି ପରେ ଅବକାଶ ବା ସ୍ନାନ କରାଯାଇଥାଏ । ଏହି ସ୍ନାନ ଜଳ କର୍ପୂର, ଦହି, ଅଁଳା, ଚନ୍ଦନ ଓ ସୁବାସିତ ଫୁଲର ମିଶ୍ରଣରେ ପ୍ରସ୍ତୁତ ହୋଇଥାଏ । ଦହିର ପାଂଚ ପ୍ରକାର ଭେଦ ମଧ୍ୟରେ ମଧୁର ଦହି ବୀର୍ଯ୍ୟବର୍ଦ୍ଧକ ବାତନାଶକ । ଅଁଳା ହେଉଛି ଦେହର ସୌନ୍ଦର୍ଯ୍ୟ ବୃଦ୍ଧିକାରକ, ଚକ୍ଷୁ ନିର୍ମଳକାରକ ।

ଚନ୍ଦନ ହେଉଛି ପିତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷା, ଦାହ, କୃମି, ମୁଖରୋଗ, ରକ୍ତପିତ, ପାଣ୍ଡୁ, ଶ୍ୱାସ, କାଶପ୍ରଶମକ ଅଟେ । ଏହି ଅବକାଶ ବା ସ୍ନାନ ଜଳରେ ଏପରି ଔଷଧୀୟ ଗୁଣ ରହିଛି ଯେ ଯଦି କୌଣସି ବ୍ୟକ୍ତିର ଅଜୀର୍ଣ୍ଣ ବା ବାତବୃଦ୍ଧି ହୋଇଥାଏ ତେବେ ତାହା ସେବନ କଲେ ଶୀଘ୍ର ଆରୋଗ୍ୟ ହୋଇଥାଏ । ଆହୁରି ମଧ୍ୟ ଜଗନ୍ନାଥଙ୍କ ଦେହରୁ ଚନ୍ଦନ ଓ କରାଳ ବାହାରେ, ତାହା କୌଣସି ଝାଡ଼ା ରୋଗୀଙ୍କୁ ଦିଆଗଲେ ଔଷଧ ସଦୃଶ କାମ କରିଥାଏ । ଏଥିରେ କୌଣସି ମନ୍ତ୍ର ମହୌଷଧିର ବ୍ୟବସ୍ଥା ନଥାଏ । କେବଳ ବିଶ୍ୱାସ ହିଁ ମୂଳକଥା । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରର ବନୌଷଧିଗୁଡ଼ିକ ସହ ଜଗତର ନାଥ ଜଗନ୍ନାଥଙ୍କର ରହିଛି ନିବିଡ଼ ସଂପର୍କ । ସେଥିପାଇଁ ଶ୍ରୀମନ୍ଦିରର ବହୁ କାର୍ଯ୍ୟରେ ଏହି ଆୟୁର୍ବେଦ ଔଷଧ ବୃକ୍ଷର ଉପଯୋଗ ହୋଇଆସୁଛି । ସେହି ବନୌଷଧିଗୁଡ଼ିକ ମଧ୍ୟରେ ନିମ୍ବ, ତୁଳସୀ, ଚନ୍ଦନ, ତ୍ରିଫଳା, କର୍ପୂର ଓ ଜାଇଫଳାଦି ଅନ୍ୟତମ । ଏହି ନିମ୍ବ ସଂପର୍କରେ ଧନ୍ୱନ୍ତରୀ ନିର୍ଘଂଟରେ ବର୍ଣ୍ଣନା ରହିଛି ଯେ –

''ନିମ୍ବସ୍ତିକରସଃ ଶୀତୋଲଘୁ ଶ୍ଳେଷ୍ମାସ୍ରପିତ୍ତନୁଦ
କଣ୍ଡୁକୁଷ୍ଠ ବ୍ରଣାନ୍ ହନ୍ତି ଲେପାହାରାଜ ଶୀନିତଃ
ଅପକ୍ୱଂ ପାଚୟେଚ୍ଛୋଥଂ ବ୍ରଣଂପକ୍ୱଂ ବିଶୋଧୟେତ୍।''

ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ, ନିମ୍ବ ଲଘୁ ଗୁଣଯୁକ୍ତ, ବିପାକରେ କଟୁ, ରସରେ ତିକ୍ତ ଓ କଷାୟ ଅଟେ ଏବଂ ଏହା ଶୀତବୀର୍ଯ୍ୟ ପ୍ରକୃତିର । ଜଗନ୍ନାଥ ମହାପ୍ରଭୁଙ୍କର ତ୍ରିଗୁଣ ସତ୍ୱଗୁଣସମ୍ପନ୍ନ ଏବଂ ଏହି ତ୍ରିଗୁଣ ମଧ୍ୟରେ ସତ୍ୱଗୁଣ ଲଘୁ, ଯାହା ଉଦାରମୟ ରସ । ଏହା ମହାଭାବର ପ୍ରତୀକ । ନିମ୍ବ ଦାରୁରେ ମହାପ୍ରଭୁଙ୍କ ଦାରୁବିଗ୍ରହ ନିର୍ମିତ ଚ





ନିମ୍ବ ତିକ୍ତ ଓ କଟୁ ରସଯୁକ୍ତ ହୋଇଥିବାରୁ ଏହାକୁ କୀଟମାନେ ନଷ୍ଟ କରିପାରନ୍ତି ନାହିଁ । ତେଣୁ ନିମ୍ବ କାଷ୍ଠରେ ନିର୍ମିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହ କୀଟ ପତଙ୍ଗମାନଙ୍କଠାରୁ ସୁରକ୍ଷିତ ରହେ । ସେଥିପାଇଁ ଶ୍ରୀଜଗନ୍ନାଥଙ୍କ ମୂର୍ତିଗଠନ ଅନ୍ୟ କୌଣସି ଦ୍ରବ୍ୟରେ ନହୋଇ ହୁଏ ନିମ୍ବ ଦାରୁରେ ହୁଏ । ଜଗନ୍ନାଥଙ୍କର ଅଙ୍ଗଲାଗି ହୋଇଥିବା ଚନ୍ଦନ ଏକ ଆଧ୍ୟାତ୍ମିକ ବୃକ୍ଷ ଭାବେ ପରିଗଣିତ । ମହର୍ଷି ଚରକ ତାଙ୍କ ଗ୍ରନ୍ଥର ୨୫ ଅଧ୍ୟାୟରେ କହିଛନ୍ତି ଯେ –

''ଚନ୍ଦନ ଦୁର୍ଗନ୍ଧେ ହରଦାହ ନିର୍ବାପଣ ଲୋପନା ନାମ ।''

ଅର୍ଥାତ୍ ସମସ୍ତ ପ୍ରକାର ଦୁର୍ଗନ୍ଧକୁ ହରଣ କରୁଥିବା ଏହି ଚନ୍ଦନ ବୃକ୍ଷ ସର୍ବରୋଗ ନାଶକ ଅଟେ । ଏହା ପିତବିକାର, ଭ୍ରମ, ବାନ୍ତି, ଜ୍ୱର, ତୃଷ୍ଣା, ଦାହ, କୃମି, ମୁଖରୋଗ, ରକ୍ତପିତ, ପାଣ୍ଡୁ, ଶ୍ୱାସ, କାଶ ପ୍ରଶମକ ଅଟେ । ଚନ୍ଦନ ବୃକ୍ଷର ଉତ୍ପତି ସମ୍ବନ୍ଧରେ ପୌରାଣିକ ତଥ୍ୟରୁ ପ୍ରମାଣ ମିଳେ ଯେ, ପୁରୁଷୋତମ ନୀଳମାଧବ ରୂପେ ୮୪ ଅଙ୍ଗୁଳ ବିଶିଷ୍ଟ ଇନ୍ଦ୍ରନୀଳମୟୀ ପ୍ରତିମାରୂପେ କୃଷ୍ଣଗୁରୁ ବୃକ୍ଷମୂଳେ ବିରଜମାନ କରିଥିଲେ । ଏହି କୃଷ୍ଣଗୁରୁ ବୃକ୍ଷ ହେଉଛି କଳାରଙ୍ଗର ଚନ୍ଦନ ବୃକ୍ଷ । ଆୟୁର୍ବେଦ ବିଶେଷଜ୍ଞମାନେ ଏହି ବୃକ୍ଷକୁ ହରିଚନ୍ଦନ ବୃକ୍ଷ ବୋଲି କହିଥାନ୍ତି । ଚନ୍ଦନ ଓ ଚକାଡୋଳା ପରସ୍ପର ପରିପୂରକ । ବର୍ଷସାରା ତିନିଠାକରଙ୍କୁ ଚନ୍ଦନ ଚର୍ଚ୍ଚିତ କରାଯାଇଥାଏ । ବିଶେଷକରି ଅକ୍ଷୟ ତୃତୀୟାଠାରୁ ଚନନ୍ଦଲାଗି ବେଶ ହୋଇଥାଏ । ଚନ୍ଦନ ଶ୍ରୀଜଗନନାଥଙ୍କର କୃଷ୍ଣ ଶରୀରକୁ ଅଧିକ ଶୁଦ୍ଧପୂତ କରିଥାଏ । ଶ୍ରୀଜଗନ୍ନାଥଙ୍କୁ ଚନ୍ଦନ ଚର୍ଚ୍ଚିତ କରି କଳେବରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ସୁଗନ୍ଧଯୁକ୍ତ କରିବା ପାଇଁ ପୁଷ୍ପାଳକମାନେ ଶ୍ରୀମନ୍ଦିରରେ ଯଥାସମ୍ଭବ ଯତ୍ନବାନ ହୋଇଥାନ୍ତି । ଆୟୁର୍ବେଦର ଶ୍ରୀଚନ୍ଦନ, ଶ୍ରୀଖଣ୍ଡ ଚନ୍ଦନ, ହରି ଚନ୍ଦନ, ରକ୍ତଚନ୍ଦନ, କୃଷ୍ଣଗୁରୁ ଚନ୍ଦନ ଆୟୁର୍ବେଦ ଔଷଧ ନିର୍ମାଣ ପାଇଁ ଯେତେ ଉପଯୋଗୀ ହୋଇଥାଏ, ଶ୍ରୀଜଗନ୍ନାଥଙ୍କ ଉପାସନା ପାଇଁ ମଧ୍ୟ ସେତିକି ଉପଯୋଗୀ ହୋଇଥାଏ । ସଂସ୍କୃତିର ପ୍ରତୀକ ତୁଳସୀ ଶ୍ରୀମନ୍ଦିରରେ ବ୍ୟବହୃତ ହେଉଥିବା ଏକ ପ୍ରଧାନ ଦ୍ରବ୍ୟ । ଏହା ମହାପ୍ରଭୁଙ୍କ ତିନିବାଡରେ ଦିନର ସବୁ ସମୟରେ ଲାଗି ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଛଡ଼ାତୁଳସୀ ସେବକ, ସୁଆର କିମ୍ବା ସାଧାରଣ ଭକ୍ତଙ୍କ ପାଇଁ ଏକ ଅମୂଲ୍ୟ ପଦାର୍ଥ । ଦ୍ରବ୍ୟଗୁଣ ଦୃଷ୍ଟିରୁ ତୁଳସୀ ବହୁ ହିତକାରୀ ଓ ବହୁରୋଗ ଆଶ୍ଚର୍ଯ୍ୟଜନକ ଭାବେ ଆରୋଗ୍ୟ କରିଥାଏ । ଆୟୁର୍ବେଦ ଔଷଧ ସହିତ ଏହା ଅନୁପାନ ରୂପେ ବ୍ୟବହୃତ ହୋଇଥାଏ । ଦ୍ୱାପର ଯୁଗରେ ସତୀ ତୁଳସୀର ଅଭିଶାପ ଥିଲା ତୁଳସୀ ଶ୍ରୀକୃଷ୍ଣଙ୍କର ମୁଣ୍ଡ ଉପରେ ରହିବା ପାଇଁ । ତେଣୁ ଏ ଯୁଗରେ ତୁଳସୀ ଶ୍ରୀ ଜଗନ୍ନାଥଙ୍କର ଶିର ମଣ୍ଡନ କରିବା ସହିତ ଭୋଗରେ ଲାଗି ହୋଇଥାଏ । ସ୍ୱଦେଶୀ ଚିକିତ୍ସା ପଦ୍ଧତି ଆୟୁର୍ବେଦର ମୌଳିକ ଉପାଦାନ ନିମ୍ବ, ତୁଳସୀ, ହରିଡ଼ା, ଅଁଳା, କର୍ପୂର, ଚନ୍ଦନ ଓ ଜାଇଫଳ ବୃକ୍ଷ ସହ ଶ୍ରୀଜଗନ୍ନାଥ ନିଜକୁ ଯେପରି ଭାବେ ସଂପୃକ୍ତ କରିଛନ୍ତି ତାହା ଚିକିତ୍ସା ବିଜ୍ଞାନ ଓ ଆଧ୍ୟାତ୍ମିକତା ମଧ୍ୟରେ ଏକ ସୁନ୍ଦର ସେତୁ ନିର୍ମାଣ କରିଥାଏ । ନିମ୍ବ, ବିଲ୍ୱ ଓ ତୁଳସୀ ଆଦି ବୃକ୍ଷ ହିନ୍ଦୁ ଧର୍ମ ଓ ସଂସ୍କୃତିରେ ଦେବଯୋଗ୍ୟ ମର୍ଯ୍ୟାଦା ଲାଭ କରିଛି । ପ୍ରତ୍ୟେକ ହିନ୍ଦୁ ଘରର ଅଗଣାରେ ତୁଳସୀ ବୃକ୍ଷର ଚଉଁରା ସହିତ ବୃନ୍ଦାବତୀଙ୍କୁ ପୂଜା କରିବାର ପ୍ରଥା ଅତ୍ୟନ୍ତ ପ୍ରାଚୀନ । ସେହିପରି ବିଲ୍ୱପତ୍ର ଓ ଫଳ ଯେପରି ଶୈବ ଉପାସକଙ୍କ ପାଇଁ ମହତ୍ୱପୂର୍ଣ୍ଣ, ତୁଳସୀ ବୃକ୍ଷ ମଧ୍ୟ ଶ୍ରୀଜଗନ୍ନାଥଙ୍କ ପାଇଁ ତତୋଧିକ ମହତ୍ୱପୂର୍ଣ୍ଣ । ଏହାଛଡ଼ା ନିମ୍ବକାଷ୍ଠ ହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାରୁ ବିଗ୍ରହ ନିର୍ମାଣ ପାଇଁ ଏକମାତ୍ର ଉପଯୁକ୍ତ କାଷ୍ଠ । ଶ୍ରୀକ୍ଷେତ୍ରର ବାତାବରଣ ସ୍ୱାସ୍ଥ୍ୟପ୍ରଦ ହୋଇଥିବା କାରଣରୁ ଦେଶର ବିଭିନ୍ନ ଅଂଚଳରୁ ଏପରିକି ବିଦେଶାଗତ ଦର୍ଶକମାନେ ଏଠାକୁ ପ୍ରତ୍ୟହ ଆସିଥାନ୍ତି । ଲକ୍ଷ୍ୟ ହେଲା ସ୍ୱାସ୍ଥ୍ୟ, ସୁଖ, ଶାନ୍ତି ଓ ଆନନ୍ଦ ।







ଶ୍ରୀକ୍ଷେତ୍ରର ପରିସୀମାରେ ସମୁଦ୍ର ଉପକୂଳ ଅନ୍ୟତ୍ର ଆକର୍ଷକ । ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏହି କ୍ଷେତ୍ରକୁ ଆସି ଗୋଟିଏ ସୁସ୍ଥ ଜୀବନର ଆଶା ରଖିଥାନ୍ତି । ତାହା ମଧ୍ୟ ପୂରଣ ହୁଏ । ବିଶେଷକରି ଧାର୍ମିକ ଦୃଷ୍ଟିରୁ ଏହା ହିନ୍ଦୁମାନଙ୍କ ପାଇଁ ମୋକ୍ଷଧାମ ରୂପେ ବିବେଚିତ । ଜଗନ୍ନାଥଙ୍କ ମହାପ୍ରସାଦ ସେବା ଦ୍ୱାରା ଶାରୀରିକ ଓ ମାନସିକ ପରିପୁଷ୍ଟ ତଥା ପରିବୃଦ୍ଧି ହୋଇଥାଏ ।

**ଡାକ୍ତର ଦୀନବନ୍ଧୁ ମହାରଣା**
ଡିଲିଟ୍‌ପ୍ରାପ୍ତ ଆୟୁର୍ବେଦ ଗବେଷକ
୧୧୧, ମୁନିସପାଲ ମାର୍କେଟ୍ କମ୍ପ୍ଲେକ୍ସ, ଓଏମ୍‌ପି ଛକ, କଟକ
ମୋ: ୯୪୩୭୦୪୩୧୦୩



# ବାହୁଡ଼ା



ଐତିହାସିକ ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ସୁଭଦ୍ରାଙ୍କର ଏହି ପ୍ରସିଦ୍ଧ ରଥଯାତ୍ରାକୁ ନବଦିନ ଯାତ୍ରା, ମହାବେଦୀ ଯାତ୍ରା ଏପରିକି ନବଦିନାତ୍ମକ ଯାତ୍ରା ବୋଲି ମଧ୍ୟ ବର୍ଣ୍ଣନା କରାଯାଇଛି । ବିଶିଷ୍ଟ ଗବେଷକ ସ୍ୱର୍ଗତଃ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ମତରେ ଏହି ନବଦିନାତ୍ମକ ଯାତ୍ରାରେ ତିନୋଟି ଅଂଶ ରହିଛି । ପ୍ରଥମ ଅଂଶ ପୂର୍ବ ଯାତ୍ରା, ଦ୍ୱିତୀୟ ଅଂଶ ଗୁଣ୍ଡିଚା ମଣ୍ଡପରେ ଅବସ୍ଥାନ ବା ଆଡ଼ପ ଏବଂ ତୃତୀୟ ଅଂଶ ହେଉଛି ବାହୁଡ଼ା ଯାତ୍ରା । ବିଶିଷ୍ଟ ସାହିତ୍ୟିକ ସ୍ୱର୍ଗତଃ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ, ପହଣ୍ଡି ଓ ରଥରେ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚା ବିଜେ ପରେ ନବଦିନବ୍ୟାପୀ ଅବସ୍ଥାନ ଓ ସେଠାରୁ ବିଦାୟ ବା ବାହୁଡା ରଥଯାତ୍ରା ଉତ୍ସବ ବୃତ୍ତର ଏକ ପ୍ରଧାନ ବିଭାବ ।

ଆଷାଢ ଶୁକ୍ଳ ଦ୍ୱିତୀୟା ଦିନ ଶ୍ରୀମନ୍ଦିର ତ୍ୟାଗ କରି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର,ଶ୍ରୀ ସୁଭଦ୍ରା ପ୍ରଭୃତି ପବିତ୍ର ରଥଯାତ୍ରା ଶେଷ କରି ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ କାଳ ଅବସ୍ଥାନ କରିବା ପରେ ନବଦିନରେ ପୁଣିଥରେ ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ବା ବାହୁଡି ଆସିବା ଯୋଗୁଁ ଏହି ରଥଯାତ୍ରାକୁ ନବଦିନଯାତ୍ରା ବା ବାହୁଡା ଯାତ୍ରା ବୋଲି ସାଧାରଣତଃ କୁହାଯାଇଥାଏ । ପୁରୀର ପ୍ରସିଦ୍ଧ ରଥଯାତ୍ରା ଓ ବାହୁଡାଯାତ୍ରାକୁ ଅନୁସରଣ କରି କେବଳ ଓଡ଼ିଶା ବା ଭାରତବର୍ଷରେ ନୁହେଁ ସମଗ୍ର ପୃଥିବୀରେ ଯେପରି ଆନନ୍ଦ ଓ ଉଲ୍ଲାସରେ ପବିତ୍ର ରଥଯାତ୍ରା ଉତ୍ସବ ପାଳନ କରାଯାଇଛି, ତାହା ହିଁ ଶ୍ରୀଜଗନ୍ନାଥଙ୍କ ବୈଶିଷ୍ଟ୍ୟ ଓ ମହତ୍ତ୍ୱ ପ୍ରତିପାଦିତ କରି ଆସୁଛି । ଅନ୍ୟ କୌଣସି ଦେବତାଙ୍କୁ ମହାଡମ୍ବରରେ ଏବଂ ଏପରି ମାନବୀୟ ରୀତିନୀତିରେ ପୂଜାଅର୍ଚ୍ଚନା କରାଯିବା କିମ୍ବା ବର୍ଷଯାକ ଉତ୍ସବ ପାଳନ କରାଯାଉଥିବାର ଦୃଷ୍ଟାନ୍ତ ପ୍ରାୟ ବିରଳ ।

ସ୍ୱର୍ଗତ ପଣ୍ଡିତ ଦାଶ ଉଲ୍ଲେଖ କରିଛନ୍ତି, ବାହୁଡା ଗୁଣ୍ଡିଚା ସମୟରେ ଏକାଦଶୀ ଦିନ ମହାପ୍ରଭୁଙ୍କ ରଥ ଉପରେ ଶ୍ରୀଅଧରକୁ ପାଇବା ପର୍ଯ୍ୟନ୍ତ ଉଚ୍ଚାଥିବା ତୁମ୍ବଭଳିଆ ତିନୋଟି ମାଟିହାଣ୍ଡିରେ ପୂଜାପଣ୍ଡାମାନେ ପଣା ରଖନ୍ତି । ପାଞ୍ଚୋପଚାରରେ ପୂଜା କରନ୍ତି ଓ ପଣାଭୋଗ କରନ୍ତି । ଏହାକୁ ଅଧରପଣା କୁହାଯାଏ । ରଥଯାତ୍ରା ଦିନଠାରୁ ରଥରୁ ଓହ୍ଲାଇବା ଯାଏଁ (ଠାକୁରଘରେ ଗୁଣ୍ଡିଚାଘରେ ଥିବା ସମୟରେ) ତିନି ରଥରେ ଧ୍ୱଜପୂଜା କରାଯାଇଥାଏ ।

ବାହୁଡ଼ା ଦିନ ବାହୁଡା ରଥ ଟଣାରମ୍ଭ ହୋଇ ବଳଭଦ୍ରଙ୍କ ରଥ ବଡ ଶଙ୍ଖଠାରେ ପହଞ୍ଚିବା ପରେ ସୁଭଦ୍ରାଙ୍କ ରଥଟଣା ଆରମ୍ଭ ହୋଇଥାଏ । ତାପରେ ଜଗନ୍ନାଥଙ୍କ ରଥ ଟଣାଯାଏ । ବାଟରେ ଠାକୁରମାନଙ୍କ ପାଇଁ ପନ୍ତିଭୋଗ ହୁଏ । ବଡ଼ ଠାକୁର ବଳଭଦ୍ର ଓ ସୁଭଦ୍ରାଙ୍କ ରଥ ବଡ ଦେଉଳର ସିଂହଦ୍ୱାର ନିକଟକୁ ଆସି ନଥାଏ, ଅଳ୍ପ କିଛି ବାଟଥାଏ, ସେହିଠାରେ ଦୁଇଟିଯାକ ରଥ ଅର୍ଥାତ ବଳଭଦ୍ରଙ୍କର ତାଳଧ୍ୱଜ ରଥ ଓ ସୁଭଦ୍ରାଙ୍କର ଦର୍ପଦଳନ ରଥ ଦୁଇଟିକୁ ଅଟକାଇ ରଖାଯାଏ । ଜଗନ୍ନାଥଙ୍କର ନନ୍ଦିଘୋଷ ରଥ ପୁଣି ମାଉସୀ ମା ଦେଉଳଠାରେ ଅଟକି ରହେ । ଜଗନ୍ନାଥଙ୍କୁ ସେଠାରେ ଛେନାପୋଡ ଭୋଗ ଦିଆଯାଏ ଓ ଭୋର ପରେ ପୁଣି ରଥ ଟଣାଯାଇଥାଏ । ଜଗନ୍ନାଥଙ୍କର ରଥ ବଡ଼ ଦେଉଳର ସିଂହଦ୍ୱାର ପାଖରେ ପହଞ୍ଚିବା ପୂର୍ବରୁ ରାଜାଙ୍କର ନଅର ସାମ୍ନାରେ ଅଟକାଯାଏ । ଠିକ୍ ସେହି ସମୟରେ ବଡ଼ ଦେଉଳ ଭିତରୁ ସୁବେଶ ହୋଇ ଲକ୍ଷ୍ମୀ ଠାକୁରାଣୀ ପାଲିଙ୍କିରେ ବିଜେକରି ବଡଦେଉଳର ସ୍ନାନବେଦୀ ନିକଟରେ ଥିବା ଚାହାଣି ମଣ୍ଡପରେ ପହଞ୍ଚିଥାଆନ୍ତି । ସେଠାରେ ଲକ୍ଷ୍ମୀ ଠିଆହୋଇ ରାଜାଙ୍କ ନଅର ସମ୍ମୁଖରେ ଥିବା ଜଗନ୍ନାଥଙ୍କ ରଥକୁ ଚାହାନ୍ତି । ଏହାପରେ ଲକ୍ଷ୍ମୀଙ୍କୁ ବିମାନରେ ନିଆଯାଏ ଓ ସେ ଜଗନ୍ନାଥଙ୍କ ରଥ ଚାରିପଟେ ବେଢାଏ ବୁଲନ୍ତି । ଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଦଇତାମାନେ ଆଜ୍ଞାମାଳ ଆଣିବା ପରେ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରିଯାଆନ୍ତି ।

**ସମଗ୍ର ବିଶ୍ୱରେ ଓ ହିନ୍ଦୁ ସମାଜରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେପରି ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା, ଏହି ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ପବିତ୍ର ବାହୁଡ଼ା ଯାତ୍ରା ମଧ୍ୟ ଉଲ୍ଲେଖନୀୟ ଘଟଣା ।**

ଏହାପରେ ଜଗନ୍ନାଥ ନନ୍ଦିଘୋଷ ରଥ ମନ୍ଦିରର ସିଂହଦ୍ୱାର ପାଖକୁ ଟଣାହୋଇ ଆସି ସେଠାରେ ରହିଯାଏ । ବାହୁଡା ଶେଷ ଦିନ ଯାଏଁ ଜୀଉମାନେ ରଥ ଉପରେ ରୁହନ୍ତି । ମଧ୍ୟାହ୍ନ ଧୂପଠାରୁ ଶୁଖିଲା ଭୋଗ ଆରମ୍ଭ ହୋଇଥାଏ ଜୀଉଙ୍କ ନିକଟରେ । ତହିଁ ପରଦିନ ଯାଏଁଢଠାକୁରମାନେ ନିଜନିଜ ରଥ ଉପରେ ରୁହନ୍ତି । ସେଠି ଠାକୁରମାନଙ୍କର ଏକାଦଶୀ ନୀତି, ଅଧରପଣା ଭୋଗ ଓ ତା'ପରେ ସୁନାବେଶ ହୋଇଥାଏ । ସେତିକିବେଳେ ମଧ୍ୟ ସୁନାବେଶ ଦେଖିବାକୁ ଖୁବ ଭିଡ଼ ହୋଇଥାଏ ପୁରୀରେ । ତା ପରଦିନ ଦ୍ୱାଦଶୀରେ ତିନି ଠାକୁର ପୁଣି ନିଜ ରଥରୁ ଓହ୍ଲାଇ ରତ୍ନ ସିଂହାସନକୁ ବିଜେ କରନ୍ତି । ଏହାହିଁ ତ ବାହୁଡ଼ା ଯାତ୍ରା । ପୁରୀର ଏହି ରଥ ଓ ବାହୁଡା ଯାତ୍ରାକୁ ସର୍ବତ୍ର ମଧ୍ୟ ଅନୁସରଣ କରାଯାଇଥାଏ । ପୁରୀ ଗେଜେଟିଅରକୁ ଅନୁଧ୍ୟାନ କଲେ ଜଣାଯାଇଥାଏ ଯେ 'ଗୁଡ଼ିସା' ଶବ୍ଦରୁ ଗୁଣ୍ଡିଚା ଶବ୍ଦ ଆସିଛି । 'ଗୁଡିସା' ଶବ୍ଦର ଅର୍ଥ କାଠଯାତ୍ରୀ ବୋଲି ମଧ୍ୟ କୁହାଯାଇପାରେ ।

ଦକ୍ଷିଣ ଭାରତରେ ଗୁଣ୍ଡିଚା ପ୍ରତିପଦା ଦିନ ଖଣ୍ଡିଏ କାଠକୁ ପୂଜା କରିବାର ବିଧି କୁଆଡେ ରହିଛି । ଇନ୍ଦ୍ରଦ୍ୟୁମ୍ନ ପୂଜା ବୋଲି ମଧ୍ୟ ଏହି ରଥଯାତ୍ରାକୁ ଦକ୍ଷିଣାଞ୍ଚଳରେ କୁହାଯାଇଥାଏ । ଠାକୁରମାନେ ଯେଉଁ ସାତଦିନ ପୁରୀରେ ସେହି ଗୁଣ୍ଡିଚା ମନ୍ଦିରରେ ରହନ୍ତି । ସେଠାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ତଟ ଥିଲା ବୋଲି କଥିତ ଅଛି । ପୁରୀ ରଥଯାତ୍ରାର ଅନୁକରଣ ଦାକ୍ଷିଣାତ୍ୟର ଏହି ଉତ୍ସବକୁ ସମ୍ଭବତଃ ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ ବୋଲି କୁହାଯାଏ ଓ ଖଣ୍ଡେ କାଠକୁ ସେହି ଉତ୍ସବରେ ଦୂରକୁ ନିଆଯାଇଥାଏ । କାଠ ନିର୍ମିତ ରଥଯାତ୍ରା ବ୍ୟତୀତ ତାହା ଯେପରି ଅନ୍ୟ କିଛି ନୁହେଁ । ପୁଣି ପୁରୀରେ ଯେଉଁଠି ଏବେ ଗୁଣ୍ଡିଚା ମନ୍ଦିର ରହିଛି, ଏକଦା ଇନ୍ଦ୍ରଦ୍ୟୁମ୍ନ ସେଠାରେ ଅଶ୍ୱମେଧ ପାଇଁ ବେଦୀ ନିର୍ମାଣ କରିଥିଲେ । କିମ୍ବଦନ୍ତୀରୁ ଆହୁରି ମଧ୍ୟ ଜଣାଯାଇଥାଏ ଯେ, ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପତ୍ନୀ ଥିଲେ ମହାରଣୀ ଗୁଣ୍ଡିଚା ଦେବୀ । ତାଙ୍କରି ନାମାନୁସାରେ ହୁଏତ ଗୁଣ୍ଡିଚା ମନ୍ଦିର ଓ ଗୁଣ୍ଡିଚା ଉତ୍ସବ ହୋଇଥାଇପାରେ ।

**-ଗୁରୁକଲ୍ୟାଣ ମହାପାତ୍ର**
**ମୁଖ୍ୟସମ୍ପାଦକ, ସମୟ**













## ଜଗନ୍ନାଥ ଜଣାଣ

ସାରଳା ଦାସ

ଜୟ ନୀଳାଚଳ ନାଥ ଅଗତି ତାରଣ
ଜୟ ରମାପତି ପ୍ରଭୁ ମାନ ଉଦ୍ଧାରଣ ।।
ଆହେ କଳାକାରମୁଖ ପାଣ୍ଡବ ରକ୍ଷକ
ସେ ମୁଖ ଦର୍ଶନେ ପାପ ନ ରହଇ ପାଖ ।।
ବଡ଼ ଦେଉଳେ ବସିଛ ହୋଇ ବଜ୍ରସେହ୍ନା
ପତିତପାବନ ବୋଲି ଉଡ଼ାଇଲ ବାନା ।।
ମୁଁ ପତିତ ମୋ ଗୁହାରି ଶ୍ରବଣେ ଅକ୍ଷମ
ଅଜାମିଳଠାରୁ ମୁଁ କି ଅଟଇ ଅଧମ ।।
ତାହାଙ୍କୁ ତାରିଲ ପ୍ରଭୁ କଟାକ୍ଷ ମାତ୍ରରେ
ସେହିପରି ଦୃଷ୍ଟିପଡୁ ମୋ ଉପରେ ଥରେ ।।
ବାଟ ଖରଚକୁ ମୋର କିଛି ନାହିଁ ଧନ
ତୁମ୍ଭେ ହିଁ ସମ୍ବଳ ମୋର ରଙ୍କର ରତନ ।।
ଅଣଚାଶ ବେଳକୁ ଭରସା କେହି ନାହିଁ
ତୁମ୍ଭେ ଉଦ୍ଧାରନ୍ତା ଅଟ ପ୍ରଭୁ ଭାବଗ୍ରାହୀ ।।
ଇଚ୍ଛାମୟ ହରି ତୁମ୍ଭ ମହିମା ଅସୀମ
ଦୁବଗଛ କରିପାର ଭୟଙ୍କର ଦ୍ରୁମ ।।
ତୁମ୍ଭର କୃପାରେ ପଙ୍ଗୁ ଲଙ୍ଘିପାରେ ଗିରି
ତୁମ୍ଭର ବଳେ କପିଏ ଗଲେ ସିନ୍ଧୁ ତରି ।।
ତୁମ୍ଭ ମହିମା ବର୍ଣ୍ଣନେ ଅଛି କା ଶକତି
ସାରଳା ଦାସ ମାଗଇ ହେ ପ୍ରଭୁ ମୁକତି ।।
(ସାରଳା ମହାଭାରତ-କର୍ଣ୍ଣପର୍ବ)







## ରଥଯାତ୍ରା

ଡ. ରବିନାରାୟଣ ସେନାପତି

ତୁମେ ରଥାରୂଢ଼ ହେବ
ହେ ମହାପ୍ରଭୁ,
ଉତ୍ସୁକତାରେ ଭରି ଯାଇଛି
ଜଳ, ସ୍ଥଳ, ଆକାଶ
ସଜା ଚାଲିଛି ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର
କିଏ ବୁଝିଛି ତୁମରି ଲୀଳା ?
ଭକ୍ତଟିଏ ଚାହେଁ ତୁମ ଦର୍ଶନ ରଥ ଉପରେ
ତା' ସୁଖଦୁଃଖର ସଂସାରରେ
ଜୀବନ ରଥ ଗଡ଼ିଚାଲେ
ଖାଲ, ଢିପ ଡେଇଁ ଡେଇଁ
ସେ ଭାବେ, ତୁମେ ହିଁ ସାରଥୀ
ତୁମ ରଥୀ, ପୁଣି ସାରଥୀ
ତୁମେ ଆକର୍ଷଣ,
ପୁଣି ଆକର୍ଷିତ କରିପାରେ ସାରା ଜଗତକୁ
ଯୁଦ୍ଧର ଘନଘଟା ଭିତରେ
ବିଶ୍ୱର ମଣିଷ ଏବେ ଛଟପଟ
ଯଦି ପାରୁଛ ଶାନ୍ତିର ବାଟ ଖୋଲିଦିଅ
ମଣିଷ ପାଇଁ ଆଶ୍ୱସ୍ତିର ନିଃଶ୍ୱାସ ମିଳିଯିବ
ତୁମ ରହସ୍ୟ ଭେଦ କରିବା
ଆମ ସାମର୍ଥ୍ୟର ବାହାରେ,
ଏତିକି ମାଗୁଣି, ଯଦି ରଖିପାରିବ
ଅଶାନ୍ତିର କଳା ପରଦା ହଟିଯାଇ
ଜଗତ ଉଲ୍ଲସିତ ହେବ ଅପୂର୍ବ ଦୀପ୍ତିରେ ।

**ପୂର୍ବତନ ଅଧ୍ୟକ୍ଷ,
ରାଜ୍ୟ ଅର୍ଥ କମିଶନ, ଭୁବନେଶ୍ୱର**



# ହିନ୍ଦୁ ଓ ମୁସଲମାନଙ୍କର
# ସଦ୍‌ଭାବନାର ରଥଯାତ୍ରା

ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ରେମେଣ୍ଡା ଗାଁରେ ସ୍ୱାଧୀନତା ପୂର୍ବରୁ ଭିନ୍ନ ଏକ ରଥଯାତ୍ରା ପାଳିତ ହୋଇଆସୁଛି । ଏଠାରେ ଗାଁ ମୁଖିଆ ଭାବେ ରଥଯାତ୍ରାରେ ଗାଁର ମୁସଲମାନ ଗୌନ୍ତିଆ ପରିବାରର ମୁଖ୍ୟ ଛେରାପହଁରା କରିବାର ଏକ ଭିନ୍ନ ପରମ୍ପରା ଆଜି ମଧ୍ୟ ବଳବତ୍ତର ରହିଛି । ସାମ୍ପ୍ରଦାୟିକ ସଦ୍‌ଭାବ ଓ ଭାଇଚାରାର ବାର୍ତ୍ତାବହ ସାଜିଥିବା ଏହି ରଥଯାତ୍ରା ମହାନ୍ ଉତ୍କଳୀୟ ଜଗନ୍ନାଥ ସଂସ୍କୃତିର ଏକ ନିଆରା ଭାବ । ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମନ୍ୱୟ ଓ ସଦ୍‌ଭାବନାକୁ ପାଥେୟ କରି ଆଜିବି ରେମେଣ୍ଡା ରଥଯାତ୍ରା ଓଡ଼ିଶା ଓ ଛତିଶଗଡ ସୀମାନ୍ତରେ ଜଗନ୍ନାଥପ୍ରେମୀଙ୍କୁ ଭାବାବେଗ ମଧ୍ୟକୁ ଟାଣିଆଣେ । ଗ୍ରାମବାସୀଙ୍କ କହିବାନୁସାରେ ରେମେଣ୍ଡା ରଥଯାତ୍ରାରେ ମୁସଲମାନ ଗୌନ୍ତିଆ ପରିବାର ଛେରାପହଁରା କରିବା ୧୦୦ବର୍ଷରୁ ଊର୍ଦ୍ଧ୍ୱ ପରମ୍ପରା । ଗାଁରେ ରଥଯାତ୍ରା ଆୟୋଜନ ନେଇ ପ୍ରଥମେ ତତ୍କାଳୀନ ଗୌନ୍ତିଆ ସ୍ୱର୍ଗତଃ ୱାରସ୍ ମହମ୍ମଦଙ୍କ ନିକଟକୁ ଗ୍ରାମବାସୀ ଆସି କହିଥିଲେ ଯେ ଆମ ନିକଟ ଗ୍ରାମ ମାନଙ୍କରେ ରଥଯାତ୍ରା ହେଉଛି । କିନ୍ତୁ ଆମ ଗାଁରେ କେବଳ ରଥଯାତ୍ରା ହେଉନାହିଁ । ଆପଣ ଏ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ତତ୍କାଳୀନ ଗୌନ୍ତିଆ ୱାରସ ମହମ୍ମଦଙ୍କୁ ଅନୁରୋଧ କଲେ । ଗୌନ୍ତିଆ କହିଲେ ଯେ ଦେଖ ଯେଉଁ ଗ୍ରାମ ମାନଙ୍କରେ ରଥଯାତ୍ରା ହେଉଛି ସେଠାରେ ତାଙ୍କ ତିନି ଠାକୁର ଅଛନ୍ତି । ଆମ ଗ୍ରାମରେ ମନ୍ଦିର ନାହିଁ କି ଠାକୁର ନାହାଁନ୍ତି । ଆମେ ରଥଯାତ୍ରା ପାଳନ କଲେ ଠାକୁର ପାଇବା କେଉଁଠୁ ବୋଲି ଗୌନ୍ତିଆ ସେହି ସମୟରେ ଗ୍ରାମବାସୀଙ୍କୁ ପ୍ରଶ୍ନ କରିଥିଲେ । ବ୍ୟାପକ ଆଲୋଚନା ପର୍ଯ୍ୟାଲୋଚନା ପରେ ନିଷ୍ପତ୍ତି ହେଲା ଯେ ପୁରୀ ଶ୍ରକ୍ଷେତ୍ରର ରଥଯାତ୍ରା ଆଷାଢ଼ ମାସ ଦ୍ୱିତୀୟା ତିଥିରେ ହେଉଥିବାରୁ ଆମେ ଏହାର ଦୁଇ ଦିନ ପରେ ଅର୍ଥାତ ପଞ୍ଚମୀ ତିଥିରେ ରଥଯାତ୍ରା ଆୟୋଜନର ନିଷ୍ପତ୍ତି ହେଲା । ପୁଣି ଠାକୁର ଏକ ନିର୍ଦ୍ଦିଷ୍ଟ ଗ୍ରାମରୁ ଆଣିବାକୁ ନିଷ୍ପତ୍ତି ହେଲା ।

ବହୁ ବର୍ଷ ଧରି ନିକଟସ୍ଥ ସୁନାରୀ ଗ୍ରାମରୁ ଠାକୁର ଆସିବା ପରେ ରଥଯାତ୍ରା ଆୟୋଜିତ ହେଉଥିଲା । ଗତ କିଛି ବର୍ଷ ହେଲା ଗ୍ରାମବାସୀ ଓ ଗୌନ୍ତିଆ ପରିବାରର ଉଦ୍ୟମ କ୍ରମେ ତିନି ଠାକୁରଙ୍କ ବିଗ୍ରହ ନିର୍ମାଣ ହୋଇ ପ୍ରାଣ ପ୍ରତିଷ୍ଠା ହେଲା । ସେହି ଦିନଠାରୁ ତିନି ଠାକୁର ପୂଜକ ସୁବାଷ ଶତପଥୀଙ୍କ ଘରେ ପୂଜା ପାଇଆସୁଛନ୍ତି । ୱାରସ ମହମ୍ମଦଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ରଥଯାତ୍ରା ଆଜିବି ପରମ୍ପରା କ୍ରମେ ପାଳିତ ହୋଇଆସୁଛି । ସ୍ଥାନୀୟ ପ୍ରଜା ଓ ଗ୍ରାମବାସୀ ସହଯୋଗର ହାତ ବଢାଇଛନ୍ତି । ସମୟ କ୍ରମେ ସମସ୍ତ ବାଧାବିଘ୍ନ ସତ୍ତ୍ୱେ ମୁସଲମାନ ଗୌନ୍ତିଆଙ୍କ ନେତୃତ୍ୱରେ ରଥଯାତ୍ରା ସୁରୁଖୁରୁରେ ଚାଲିଛି । ଗାଁରେ ରହୁଥିବା ମୁସଲମାନ ସମ୍ପ୍ରଦାୟର ଲୋକେ ଏବଂ ଆଖପାଖ ଅଞ୍ଚଳର ହିନ୍ଦୁଭାଇଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ଓ ସହଯୋଗରେ ଏଭଳି ଏକ ନିଆରା ପରମ୍ପରାକୁ ପୂର୍ବରୁ ଗୁରୁତ୍ୱ ଦିଆଯାଉ ନଥିଲା । ମାତ୍ର ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ପରେ ଏହାର ବ୍ୟାପକତା ସୁଦୂର ପ୍ରସାରୀ ହୋଇପାରିଛି । ଏଠାରେ ରଥଯାତ୍ରା ସମୟରେ ଦେଶ ବାହାରର ଭକ୍ତ ମଧ୍ୟ ଆସୁଥିବାର ନଜିର ରହିଛି । ଏପରିକି ଜାତୀୟସ୍ତରୀୟ ଗଣମାଧ୍ୟମ ମଧ୍ୟ ଏହି

**ସାମାଜିକ ଗଣମାଧ୍ୟମର ପ୍ରଚାର ପ୍ରସାର ପରେ ଏହି ନିଆରା ରଥଯାତ୍ରାର ବ୍ୟାପକତା ସୁଦୂର ପ୍ରସାରୀ ହୋଇପାରିଛି । ରଥଯାତ୍ରା ସମୟରେ ଦେଶ ବାହାରର ଭକ୍ତ ଏଠାକୁ ଆସୁଥିବାର ନଜିର ରହିଛି । ଏପରିକି ଜାତୀୟସ୍ତରୀୟ ଗଣମାଧ୍ୟମ ମଧ୍ୟ ଏହି ରଥଯାତ୍ରାକୁ ଲୋକଲୋଚନକୁ ଆଣିବାର ଦୃଷ୍ଟାନ୍ତ ରହିଛି । ପାରମ୍ପରିକ ଭାବେ ସ୍ୱର୍ଗତଃ ୱାରସ ମହମ୍ମଦ, ଅଳିଉର୍ ମହମ୍ମଦ, ହନିଫ ମହମ୍ମଦ, ମହମ୍ମଦ ଖଲିଲ ଗୌନ୍ତିଆ ପ୍ରମୁଖ ରଥଯାତ୍ରା ଆୟୋଜନରେ ନେତୃତ୍ୱ ନେଇଆସୁଥିବା ବେଳେ ଗତ ୧୯୮୩ ମସିହାରୁ ଗୌନ୍ତିଆ ପରିବାରର ମୁଖ୍ୟ ଭାବେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ରଥଯାତ୍ରାରେ ଛେରାପହଁରା କରିଆସୁଥିଲେ । ପରବର୍ତ୍ତୀ ସମୟରେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲାଙ୍କ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଜ୍ୟେଷ୍ଠପୁତ୍ର ମହମ୍ମଦ ଅଖତର ୨ବର୍ଷ ହେଲା ରଥଯାତ୍ରାରେ ଛେରାପହଁରା ପରମ୍ପରା କ୍ରମେ କରିଆସୁଛନ୍ତି ।**

ରଥଯାତ୍ରାକୁ ଲୋକଲୋଚନକୁ ଆଣିବାର ଦୃଷ୍ଟାନ୍ତ ରହିଛି । ପାରମ୍ପରିକ ଭାବେ ସ୍ୱର୍ଗତଃ ୱାରସ ମହମ୍ମଦ, ଅଳିଉର୍ ମହମ୍ମଦ, ହନିଫ ମହମ୍ମଦ, ମହମ୍ମଦ ଖଲିଲ ଗୌନ୍ତିଆ ପ୍ରମୁଖ ରଥଯାତ୍ରା ଆୟୋଜନରେ ନେତୃତ୍ୱ ନେଇଆସୁଥିବା ବେଳେ ଗତ ୧୯୮୩ ମସିହାରୁ ଗୌନ୍ତିଆ ପରିବାରର ମୁଖ୍ୟ ଭାବେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲା ରଥଯାତ୍ରାରେ ଛେରାପହଁରା କରିଆସୁଥିଲେ । ପରବର୍ତ୍ତୀ ସମୟରେ ଗୌନ୍ତିଆ ମହମ୍ମଦ ଜମିଉଲ୍ଲାଙ୍କ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କ ଜ୍ୟେଷ୍ଠପୁତ୍ର ମହମ୍ମଦ ଅଖତର ୨ବର୍ଷ ହେଲା ରଥଯାତ୍ରାରେ ଛେରାପହଁରା ପରମ୍ପରା କ୍ରମେ କରିଆସୁଛନ୍ତି । ଗତ କିଛିବର୍ଷ ହେଲା ଏମସିଏଲର ନିଜ ପାରିମାର୍ଜିକ ପାଣ୍ଠି ସହାୟତା ଓ ଅଞ୍ଚଳବାସୀଙ୍କ ଉଦ୍ୟମରେ ରେମେଣ୍ଡା ଗାଁରେ ଜଗନ୍ନାଥ ମନ୍ଦିର ନିର୍ମାଣ ହେଉଛି । ସଦଭାବନା ଶ୍ରୀକ୍ଷେତ୍ର ଭାବେ ପରିଚୟ ସୃଷ୍ଟି କରିଥିବା ଏହି ରେମଣ୍ଡା ଗାଁର ଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ ଆଉ କିଛି ଆର୍ଥିକ ସହାୟତା ପାଇଲେ ସମ୍ପୂର୍ଣ୍ଣ ହେବ । ଏବେ ପୂଜକ ସୁବାସ ଶତପଥୀ ନିଜ ଘରେ ତିନିଠାକୁରଙ୍କ ରଖି ପୂଜାର୍ଚ୍ଚନା କରୁଛନ୍ତି । ଏହା ସହ ରଥଯାତ୍ରା ଆୟୋଜନ ସୁବିଧା ହୋଇଛି । ପରମ୍ପରା ଅନୁଯାୟୀ ଆଷାଢ ମାସ ପଞ୍ଚମୀ ତିଥିରେ ରଥଯାତ୍ରା ଆୟୋଜିତ ହେଉଛି । ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ରଥଯାତ୍ରା ପାଳିତ ହେଉଥିବା ବେଳେ କୌଣସି ପ୍ରକାର ସରକାରୀ ଆର୍ଥିକ ସହାୟତା ମିଳୁନଥିବା ଜଣାପଡିଛି । ଜାତୀୟ ଏକତା, ଭାଇଚାରା ଓ ସଂହତି ରକ୍ଷା ଦିଗରେ ସଦ୍‌ଭାବନା ଶ୍ରୀକ୍ଷେତ୍ର ଭାବେ ପରିଚିତ ରେମଣ୍ଡା ରଥଯାତ୍ରା ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିପାରିଛି ।



**-ସତ୍ୟ ସୁନ୍ଦର ଭଞ୍ଜ**



# ଶ୍ରୀଗୁଣ୍ଡିଚା ମନ୍ଦିର

ଦେବର୍ଷି ନାରଦଙ୍କ ଉପଦେଶ ଅନୁସାରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ଦର୍ଶନ ଲାଭ ପାଇଁ ଯେଉଁ ସ୍ଥାନରେ ସହସ୍ର ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିଥିଲେ ତାହାକୁ ସ୍କନ୍ଦ ପୁରାଣ ଅନୁଯାୟୀ ମହାବେଦି କୁହାଯାଏ । ପୂରାଣ ବା ଇତିହାସରେ ବର୍ଣ୍ଣିତ ଅନୁସାରେ ଯଜ୍ଞ ଶେଷରେ ଯେଉଁ ଅଲୌକିକ ଦାରୁ ଉଦ୍ଧାର କରାଯାଇଥିଲା ତାହାକୁ ମହାରାଜ ଏହି ମହାବେଦିକୁ ଅଣାଇଥିଲେ । ଏହି ମହାବେଦୀରେ ଏକ ଆବଦ୍ଧଗୃହ ନିର୍ମାଣ କରାଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗଢା ଯାଇଥିଲା । ଏହି ଆବଦ୍ଧଗୃହ ମହାରାଣୀ ଗୁଣ୍ଡିଚା ଦେବୀଙ୍କ ନାମରେ ନାମିତ ଗୁଣ୍ଡିଚା ଘର । ଶାସ୍ତ୍ରପୁରାଣରେ ଏହି ଗୁଣ୍ଡିଚା ଘରକୁ ଆଡପମଣ୍ଡପ, ରାସମଣ୍ଡପ, ମହାବେଦି ଭାବେ ବର୍ଣ୍ଣନା କରାଯାଇଛି । ପୁରୀରର ପ୍ରଚଳିତକଥା ଅନୁସାରେ ଏହା ହେଉଛି ମହାପ୍ରଭୁଙ୍କର ଜନ୍ମବେଦୀ । ପ୍ରତିବର୍ଷ ରଥଯାତ୍ରାରେ ମହାପ୍ରଭୁ ଏଠାକୁ ଯାତ୍ରା କରିଥାଆନ୍ତି । ବଡଦେଉଳଠାରୁ ପ୍ରାୟ ଅଢେଇ କିମି ଦୂରରେ ଏହି ମନ୍ଦିର ଅବସ୍ଥିତ । ଗୁଣ୍ଡିଚା ଘର ରାଜା କପିଳେନ୍ଦ୍ର ଦେବଙ୍କ ଦ୍ୱାରା ଏକ ମନ୍ଦିର ରୂପେ ନିର୍ମାଣ କରାଯାଇଥିବାର ଜଣାଯାଏ । ମାଦଳା ପାଞ୍ଜି ବର୍ଣ୍ଣନା ଅନୁସାରେ ରାଜା ଦ୍ୱିତୀୟ ରାମଚନ୍ଦ୍ରଦେବଙ୍କ ଚତୁର୍ଥଅଙ୍କରେ ୧୭୨୮ ଖ୍ରୀଷ୍ଟାବ୍ଦରେ ତାଙ୍କର ବକ୍ସି ବେଣୁ ଭ୍ରମରବର ରାୟ ଗୁଣ୍ଡିଚା ମନ୍ଦିରର ଜଗମୋହନ ନିର୍ମାଣ କରାଇଥିଲେ । ଗୁଣ୍ଡିଚା ମନ୍ଦିରକୁ ଘେରି ରହିଛି ଦୁଇଟି ପ୍ରାଚୀର – ଭିତର ବେଢା ଓ ବାହାର ବେଢା । ବାହାର ବେଢା ପ୍ରାଚୀରର ଲମ୍ବ ପ୍ରାୟ ୪୩୦ ଫୁଟ, ପ୍ରସ୍ଥ ୩୨୦ ଫୁଟ ଓ ଉଚ୍ଚତା ପ୍ରାୟ ୨୦ ଫୁଟ । ମନ୍ଦିରରେ ଦୁଇଟି ଦ୍ୱାର ଯଥା ସିଂହ ଦ୍ୱାର ଓ ନାକଚଣା ଦ୍ୱାର ଏବଂ ଉତ୍ତର ପଟକୁ ରହିଛି ନୃସିଂହ ମନ୍ଦିର । ସିଂହ ଦ୍ୱାର ସମ୍ମୁଖରେ ଦୁଇଟି ସିଂହଙ୍କ ମୂର୍ତ୍ତି ସହିତ ଉପରେ ନବଗ୍ରହ ପଟି ରହିଛନ୍ତି । ଭିତର ବେଢାରେ ରୋଷଘର, ମୁକ୍ତି ମଣ୍ଡପ, ଶ୍ରୀଗୋପାଳ ଜୀଉ ମନ୍ଦିର ଓ ସୂର୍ଯ୍ୟପୂଜା ମଣ୍ଡପ ଅବସ୍ଥିତ । ଗୁଣ୍ଡିଚା ମନ୍ଦିରର ଉଚ୍ଚତା ପ୍ରାୟ ୭୫ ଫୁଟ । ସମଗ୍ର ମନ୍ଦିର ଚାରି ଭାଗରେ ବିଭକ୍ତ ଗର୍ଭଗୃହ, ଜଗମୋହନ ନାଟମନ୍ଦିର ଓ ଭୋଗ ମଣ୍ଡପ । ଗର୍ଭଗୃହ ମଧ୍ୟରେ ଥିବା ସିଂହାସନକୁ ରତ୍ନବେଦି କୁହାଯାଏ । ରତ୍ନବେଦିର ଲମ୍ବ ୧୯ ଫୁଟ ଓ ଉଚ୍ଚତା ୪ଫୁଟ । ଜଗମୋହନ ପାର୍ଶ୍ୱରେ ରହିଛି ଭଣ୍ଡାରଘର । ରଥରୁ ଓହ୍ଲାଇ ଠାକୁରମାନେ ଗୋଟି ପହଣ୍ଡିରେ ସିଂହଦ୍ୱାର ମଧ୍ୟରେ ପ୍ରବେଶ କରି ବାହାର ବେଢାକୁ ଯାଆନ୍ତି । ବାହାର ବେଢାରୁ ହାରାବତୀ ଦ୍ୱାର ଦେଇ ଭିତର ବେଢାକୁ ଯାଇ ସେଠାରୁ ନାଟମନ୍ଦିର ଭିତରକୁ ଗରୁଡସ୍ତମ୍ଭ ପାର୍ଶ୍ୱରେ ଥିବା ଦ୍ୱାର ବାଟେ ପ୍ରବେଶ କରନ୍ତି । ନାଟମନ୍ଦିରରୁ ଜଗମୋହନ ଭିତର ଦେଇ ଗର୍ଭଗୃହର ରତ୍ନବେହି ଉପରକୁ ବିଜେ କରନ୍ତି । ନାଟ ମଣ୍ଡପର ଛାତଟି ଚାରୋଟି ସ୍ତମ୍ଭ ଉପରେ ନିର୍ମିତ । ପ୍ରତ୍ୟେକ ସ୍ତମ୍ଭର ଉଚ୍ଚତା ପ୍ରାଚ ପଚିଶ ଫୁଟ । ଗୁଣ୍ଡିଚାଘର ଭୋଗମଣ୍ଡପର ଲମ୍ବ ପ୍ରାୟ ୩୫ଫୁଟ, ପ୍ରସ୍ଥ ୨୦ ଫୁଟ । ଏହାର ରୋଷଘରେ ୨୦୩ଟି ଚୁଲି ରହିଛି ।

ଶ୍ରୀଗୁଣ୍ଡିଚା ଦିନ ଶ୍ରୀବିଗହ୍ରମାନେ ସିଂହ ଦ୍ୱାର ଦେଇ ଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରନ୍ତି ଏବଂ ବାହୁଡାଦିନ ନାକଚଣା ଦ୍ୱାର ଦେଇ ରଥ ଉପରକୁ ବିଜେ କରନ୍ତି । ବଡଦେଉଳରେ ପାଳିତ ହେଉଥିବା ସମସ୍ତ ନୀତି ଗୁଣ୍ଡିଚା ଘରେ ପାଳିତ ହୋଇଥାଏ । ଏହାଛଡା ହେରାପଞ୍ଚମୀ, ରଥର ଦକ୍ଷିଣମୋଡ, ନବମୀ ସନ୍ଧ୍ୟା ଦର୍ଶନ ଓ ବାହୁଡା ଯାତ୍ରାଦିନ କେତେକ ବିଶେଷନୀତି ଗୁଣ୍ଡିଚାଘରେ ପାଳନ କରାଯାଇଥାଏ । ଏହାକୁ ଯାତ୍ରାଙ୍ଗୀ ମହାସ୍ନାନ କୁହାଯାଏ । ନବମୀଦିନ ଘଣ୍ଟ ବାଜି ଛତି ସହ ଗୋଟିଏ ଭୋଗ ଠାକୁରଙ୍କୁ ଅର୍ପଣ କରାଯାଏ । ଏହାକୁ ଘଣ୍ଟଛତା ଭୋଗ କୁହାଯାଏ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗ ହେଉଛି ମହାପ୍ରସାଦ । ଗୁଣ୍ଡିତା ମନ୍ଦିରରେ ମହାପ୍ରଭୁଙ୍କ ଭୋଗ ମଧ୍ୟ ମହାପ୍ରସାଦ । ଶ୍ରୀମନ୍ଦିରରେ ଭୋଗ ଲାଗିବାପରେ ମା ବିମଳାଙ୍କୁ ସମର୍ପଣ କରାଯାଇଥାଏ । କିନ୍ତୁ ଗୁଣ୍ଡିଚା ମନ୍ଦିରରେ ମା ବିମଳାଙ୍କ ମନ୍ଦିର ନାହିଁ । ତେଣୁ ଗୁଣ୍ଡିଚା ମନ୍ଦିରରେ ଜଗମୋହନର ଏକ ସ୍ତମ୍ଭ ନିକଟରେ ମାଆ ବିମଳାଙ୍କୁ ମହାପ୍ରଭୁଙ୍କ ଅନ୍ନପ୍ରସାଦ ସମର୍ପଣ ହୁଏ ଏବଂ ଏକ ଥାଳିରେ ଅନ୍ନଭୋଗ ଶ୍ରୀମନ୍ଦିର ବେଢାରେ ଥିବା ବିମଳା ମନ୍ଦିରକୁ ନିଆଯାଇଥାଏ । ଗୁଣ୍ଡିଚା ଯାତ୍ରା ପୂର୍ବରୁ ପୁରୀର ଝାଞ୍ଜପିଟା ମଠ ଓ ଅନ୍ୟ କେତେକ ମଠର ସନ୍ନ୍ୟାସୀମାନେ ଗୁଣ୍ଡିଚା ମନ୍ଦିରର ମାର୍ଜନା କରିଥାଆନ୍ତି । ଏହି ପ୍ରଥା ଶ୍ରୀଚୈତନ୍ୟଙ୍କ ସମୟରୁ ଚାଲି ଆସିଛି । ଶ୍ରୀଚୈତନ୍ୟ ଚରଣାମୃତ ବର୍ଣ୍ଣନା ଅନୁସାରେ ଶ୍ରୀଚୈତନ୍ୟଙ୍କ ସମୟରୁ ଚାଲି ଆସିଛି । ରାଧାକାନ୍ତ ମଠର ସନ୍ନ୍ୟାସୀମାନେ ଶ୍ରୀମନ୍ଦିରରେ କଲାପରି ପ୍ରତ୍ୟେହ ବାହାରବେଢା ମାର୍ଜନା କରିଥାଆନ୍ତି । ବଡଛତା ମଠର ସନ୍ୟାସୀମାନେ ଶ୍ରୀମନ୍ଦିରରେ କଲାପରି ପ୍ରତ୍ୟେହ ଗୁଣ୍ଡିଚା ମନ୍ଦିରରେ ମଙ୍ଗଳ ଆଳତି ଓ ପହୁଡ ଆଳତି ସମୟରେ ଭଜନ କୀର୍ତ୍ତନ କରିଥାନ୍ତି । ଓଡିଆମଠ, ରାଘବଦାସ ମଠ, ଏମାର ମଠ ଓ ଅନ୍ୟ କେତେକ ମଠ ଗୁଣ୍ଡିଚାଘରେ କେତେକ ନୀତି ପାଳନରେ ଭାଗ ନେଇଥାନ୍ତି । କେତେକ ମଠ ତରଫରୁ ଗୁଣ୍ଡିଚା ମନ୍ଦିର ବେଢାରେ ପନ୍ତିଚାଳି ନିର୍ମାଣ କରାଯାଇଥାଏ । ଏହିପରି ଭାବେ ଗୁଣ୍ଡିଚା ମନ୍ଦିରରେ ମଧ୍ୟ ଠାକୁରଙ୍କର ଶ୍ରୀମନ୍ଦିରଭଳି ବିଭିନ୍ନ ନୀତିକାନ୍ତି ସମ୍ପର୍ଣ୍ଣ ହୋଇଥାଏ ।





# କୋଟିଆରେ ରଥଯାତ୍ରା

ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଜଗନ୍ନାଥ ପ୍ରଥମେ ଆଦିବାସୀଙ୍କ ଦ୍ୱାରା ପୂଜା ପାଇ ଆସୁଥିଲେ । ଶବରମାନେ ଗିରି କନ୍ଦର ମଧ୍ୟରେ କାହିଁ କେତେ ଯୁଗରୁ ମହାପ୍ରଭୁଙ୍କୁ ପୂଜା କରି ଆସୁଥିଲେ । ଜଙ୍ଗଲ ସହ ନିବିଡ଼ ସଂପର୍କ କରି ନିଜ ଜୀବନଯାପନ କରୁଥିବା ବିଭିନ୍ନ ଆଦିବାସୀ ବର୍ଗ ପ୍ରକୃତି ପୂଜା ଓ ବୃକ୍ଷ ପୂଜାରେ ବିଶ୍ୱାସ ରଖନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ଦାରୁବ୍ରହ୍ମ, ଆଦିବାସୀଙ୍କ ପାଇଁ ଦାରୁ ମହାପ୍ରୁ ଓ ଦାରୁ ଦେବତା ଭାବେ ପରିଚିତ ।

ଓଡ଼ିଶାର ଶ୍ରୀକ୍ଷେତ୍ର ପୁରୀ ସମଗ୍ର ବିଶ୍ୱରେ ଶ୍ରୀ ଜଗନ୍ନାଥ ଧାମ ରୂପେ ସୁପ୍ରସିଦ୍ଧ । ଏକ ଅଲୌକିକ ଘଟଣା ପ୍ରବାହ ମଧ୍ୟରେ କୋରାପୁଟଠାରେ ପ୍ରତିଷ୍ଠା ହୁଏ ଶାବର ଶ୍ରୀକ୍ଷେତ୍ର । ପୁରୀ ଗଜପତି ମହାରାଜାଙ୍କ ଅଭିଷେକରେ ୧୯୭୨ ମସିହାରୁ ପ୍ରତିଷ୍ଠା ହୋଇ ମହାପ୍ରଭୁ ଏଠାରେ ପୂଜା ପାଇଆସୁଛନ୍ତି । ଶାବର ଶ୍ରୀକ୍ଷେତ୍ରକୁ କେନ୍ଦ୍ର କରି ସେ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଢ଼ିଉଠିଛି ଅନେକ ଶ୍ରୀ ଜଗନ୍ନାଥ ମନ୍ଦିର । ମହାପ୍ରଭୁଙ୍କ ସଂସ୍କୃତିକୁ କେନ୍ଦ୍ର କରି ବିଭିନ୍ନ ସ୍ଥାନରେ ଜଗନ୍ନାଥ ମନ୍ଦିର ନିର୍ମାଣ ସହ ବର୍ଷର ବିଭିନ୍ନ ପୂଜା ପର୍ବପର୍ବାଣି ଓ ରୀତିନୀତି ପାଳନ ହେଉଛି । ମହାପ୍ରଭୁଙ୍କ ମୁଖ୍ୟପର୍ବ ବର୍ଷକେ ଥରେ ରଥଯାତ୍ରା ଆସିଲେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଅଞ୍ଚଳରେ ଏକ ଭିନ୍ନ ପରିବେଶ ଦେଖାଦିଏ । ଆଦିବାସୀଙ୍କ କୃଷି ଆରମ୍ଭ ହୁଏ ମହାପ୍ରଭୁଙ୍କ ରଥ ନିର୍ମାଣ ଆରମ୍ଭ ପବିତ୍ର ଅକ୍ଷୟ ତୃତିୟା ଦିନ ।

ଅବିଭକ୍ତ କୋରାପୁଟ ଅଞ୍ଚଳରେ ଶାବର ଶ୍ରୀକ୍ଷେତ୍ରକୁ କେନ୍ଦ୍ରକରି ଗଢ଼ିଉଠିଥିବା ନବ ନିର୍ମିତ ମନ୍ଦିରଗୁଡ଼ିକ ପାଇଁ ମନ୍ଦିର ପରିଚାଳନା ସଂସ୍ଥାର ଅନୁରୋଧ କ୍ରମେ ମନ୍ଦିର ମଧ୍ୟରେ ଏକ କର୍ମଶାଳା ୧୯୧୬ ମସିହାରେ ନିର୍ମାଣ କରାଗଲା । ଏହି କର୍ମଶାଳାରେ ସେବାୟତ କାରିଗରମାନେ ମୂର୍ତ୍ତି ଗଢ଼ଣ କରି ବିଭିନ୍ନ ଅଞ୍ଚଳର ନବନିର୍ମିତ ମନ୍ଦିରକୁ ପଠାଇବାର ପ୍ରଥା ରହିଲା । ଏହି କ୍ରମରେ ୧୯୮୨ ମସିହାରେ ମାଲକାନଗିରି ଜିଲ୍ଲା କାଲିମେଳାଠାରେ ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପନପରେ ୧୯୮୨ ମସିହାରେ ମୋଟୁଠାରେ ପ୍ରତିଷ୍ଠା ହେଲେ ।

ନବରଙ୍ଗପୁର ଜିଲ୍ଲା ସଦର ମହକୁମାରେ ପ୍ରତିଷ୍ଠିତ ମନ୍ଦିରରେ ଦୀର୍ଘକାଳ କେବଳ ଶ୍ରୀ ଜଗନ୍ନାଥ ପୂଜା ପାଇ ଆସୁଥିଲେ । ଇତିହାସ କହେ ରାଜଶାସନ ଅମଳରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ବ୍ୟତୀତ୍ ଅନ୍ୟ ମୂର୍ତ୍ତିଗୁଡ଼ିକ ପଡ଼ୋଶୀ ବସ୍ତର ରାଜାଙ୍କ ସହ ବିବାଦ ବେଳେ ଚୋରି ହୋଇଯାଇଥିଲା । ଶାବର ଶ୍ରୀକ୍ଷେତ୍ର କୋରାପୁଟଠାରେ ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ କାଠ ଗଢ଼ଣ ମୂର୍ତ୍ତି ନିର୍ମାଣ ପରେ ୧୯୮୯ ମସିହାରେ ନବରଙ୍ଗପୁର ଶ୍ରୀମନ୍ଦିରରେ ପ୍ରତିଷ୍ଠା କରାଗଲା । ଏହିପରି ୧୯୯୫ ମସିହାରେ ବନ୍ଧୁଗାଁ, ଲକ୍ଷ୍ମୀପୁର ଓ ବାରିଣିପୁଟ, ୨୦୦୫ ମସିହାରେ କୁନ୍ଦ୍ରା ଓ କୋଟପାଡ଼ ୨୦୦୫ ମସିହାରେ ଉପରକୋଣ୍ଡପାଲ୍ଲି ଓ କୋଶାଗୁମୁଡା ୨୦୦୭ ମସିହାରେ କୁମ୍ଭିକୋଟ ୨୦୦୯ ମସିହାରେ ଝରିଗୁମ୍ମା-୨୦୧୪ ମସିହାରେ, ଚାଲକମ୍ବା ୨୦୧୫ ମସିହାରେ ବାଙ୍ଗଲୋର, ନନ୍ଦପୁର, ପଟ୍ଟାଙ୍ଗି ଓ ଝାରସୁଗୁଡ଼ା ଓ ୨୦୧୩ ମସିହାରେ ଶ୍ରୀକାକୋଲମ୍‌କୁ ନବନିର୍ମିତ ମୂର୍ତ୍ତି ନିର୍ମାଣ କରାଯାଇ ପଠାଯାଇଥିଲା ।

ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସୀମାବର୍ତ୍ତୀ କୋଟିଆ ଗ୍ରାମପୁଞ୍ଜକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘ ବର୍ଷ ଧରି ସୀମା ବିବାଦ ଲାଗି ରହିଥିବା ବେଳେ ସୁପ୍ରିମ୍ କୋର୍ଟଙ୍କ ବିଚାରାଧିନ ଥିବା ଏହି ମାମଲାରେ ସୁପ୍ରିମ୍ କୋର୍ଟ ଦୁଇ ରାଜ୍ୟକୁ ଆପୋଷ ବୁଝାମଣା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଦିବାସୀ ଅଧ୍ୟୁଷିତ କୋଟିଆ ଗ୍ରାମ ବାସିନ୍ଦା ରଥଯାତ୍ରା ସମୟରେ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ପ୍ରମୁଖ ଅଂଶ ଗ୍ରହଣ କରିଥାନ୍ତି । କୋରାପୁଟ ଶାବର ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରାରେ ଦୁର୍ଗମ କୋଟିଆ ଅଞ୍ଚଳରୁ ଶହ ଶହ ଗିରିଜନ ଭକ୍ତ ଅଂଶ ଗ୍ରହଣ କରିଥାନ୍ତି । ଜିଲ୍ଲା ପ୍ରଶାସନ ତରଫରୁ କୋଟିଆଠାରେ ତତ୍କାଳୀନ ଜିଲ୍ଲାପାଳ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ପଦକ୍ଷେପରେ ଗଠନ ହୋଇଥିବା ଗୋଷ୍ଠି କେନ୍ଦ୍ରର କର୍ମକର୍ତ୍ତା ଏବଂ କୋଟିଆ ଗ୍ରାମବାସୀ କୋରାପୁଟର ଶାବର ଶ୍ରୀକ୍ଷେତ୍ର ପରିଚାଳନା ସଂସ୍ଥାକୁ ଏକ ମନ୍ଦିର ନିର୍ମାଣ ପାଇଁ ଅନୁରୋଧ କଲେ ଏବଂ ଜିଲ୍ଲା ପ୍ରଶାସନକୁ ଜଣାଇଲେ । ଶାବର ଶ୍ରୀକ୍ଷେତ୍ରର ସଂପ୍ରସାରିତ ମନ୍ଦିର ଭାବେ କୋଟିଆଠାରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ଆରମ୍ଭ ହେଲା । ଏହି ପରିପ୍ରେକ୍ଷିରେ ବହୁ ବିଜ୍ଞଙ୍କ ମତ ପରେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ଅରବିନ୍ଦ ପାଢ଼ୀଙ୍କ ପଦକ୍ଷେପରେ ୨୦୦୧ ମସିହାରେ କୋଟିଆଠାରେ ଶ୍ରୀମନ୍ଦିର ନିର୍ମାଣ କରାଯାଇ ଶିଳ୍ପୀ ଶ୍ରୀ ବିଶ୍ୱନାଥ ମହାରଣାଙ୍କ ଦ୍ୱାରା କୋରାପୁଟଠାରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ନିର୍ମାଣ ହୁଏ । ସେ ସମୟରେ ପଟ୍ଟାଙ୍ଗୀ ରାଜସ୍ୱ ନିରୀକ୍ଷକ ଗଦାଧର ବାବୁ ଦାୟିତ୍ୱ ନେଇ ମନ୍ଦିର ଜମି ଚିହ୍ନଟ ଓ ନିର୍ମାଣ କାର୍ଯ୍ୟ ପାଇଁ ସମୟ ଦିଅନ୍ତି । ୨୦୦୨ରେ ଏହି ମନ୍ଦିର ନିର୍ମାଣ ସମ୍ପୂର୍ଣ୍ଣ ହେଲା । ମନ୍ଦିର ପ୍ରତିଷ୍ଠା ସମୟ ଆସିଲା । କୋରାପୁଟର ଶାବର ଶ୍ରୀକ୍ଷେତ୍ରର ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜଗବନ୍ଧୁ ସାମଲ, ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ସମ୍ପାଦକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସାଂସଦ ପ୍ୟାରୀମୋହନ ମହାପାତ୍ର ଉପସ୍ଥିତ ରହି ରାଜ ପୁରୋହିତ ଓ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ବୈଦିକ ରୀତିରେ ପୂଜାର୍ଚ୍ଚନା କରି କୋଟିଆ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବର ସମାପନ କଲେ ।

କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଆଦିବାସୀ ଭକ୍ତମାନେ ପଣସ, କନ୍ଦା ଇତ୍ୟାଦି ଫଳମୂଳ ଭୋଗଭାବେ ଅର୍ପଣ କରିଥାନ୍ତି । ପୁରୀ ଗଜପତି ମହାରାଜା ମନ୍ଦିର ପ୍ରତିଷ୍ଠା ଉତ୍ସବ ସମୟରେ ଘୋଷଣା କରିଥିଲେ ଯେ କୋଟିଆ ଗ୍ରାମବାସୀ, ଅଧିବାସୀ ଓ ଭକ୍ତମାନେ ନିଜ ପରମ୍ପରା ଓ ସଂସ୍କୃତି ଅନୁଯାୟୀ ପୂଜାର୍ଚ୍ଚନା କରିବେ ଏବଂ ନିଜ ରୀତି ଓ ବିଧି ଅନୁଯାୟୀ ଭୋଗ ଅର୍ପଣ କରିବେ । ସେହି ବର୍ଷଠାରୁ କୋଟିଆ ଶ୍ରୀ ଜଗନ୍ନାଥ ମନ୍ଦିରରେ ଆଦିବାସୀ ଭକ୍ତମାନେ ଭୋଗରେ ମାଣ୍ଡିଆ ପିଠା, ଡମ୍ବା, ବନ୍ୟ କନ୍ଦା, କନ୍ଦମୂଳ ଓ ଫଳ ଅର୍ପଣ ସହିତ ଜଙ୍ଗଲରୁ ପଷ୍ପ ସଂଗ୍ରହ କରାଯାଇ ପୂଜା ଅର୍ଚ୍ଚନା କରିବାର ଅନନ୍ୟ ପ୍ରଥା ଦେଖାଯାଏ । ୨୦୦୧ରେ ନିର୍ମାଣ ଆରମ୍ଭ ହୋଇ ୨୦୦୨ରେ ସମ୍ପୂର୍ଣ୍ଣ ହୋଇଥିବା ଏହି ମନ୍ଦିରରେ ସେବାୟତ ପୂଜକ ମାସିକ ୧୦୦୦ ଟଙ୍କା ଦରମା ନିଅନ୍ତି । ଦ୍ୱିତୀୟା ଦିନ କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ରଥ ଟଣାରେ ସମସ୍ତ ପ୍ରଶାସନିକ ଅଧିକାରୀ ଓ ସେବାୟତ ଯୋଗ ଦେଉଥିବାରୁ ତତ୍କାଳୀନ କୋରାପୁଟ ଜିଲ୍ଲାପାଳ ଶ୍ରୀମତୀ ଉଷା ପାଢ଼ୀ କୋଟିଆରେ ଏକ ଦିନ ବିଳମ୍ବରେ ତୃତୀୟା ଦିନ ରଥଟଣା ପାଇଁ ପରାମର୍ଶ ଦେଇଥିଲେ ଏବଂ ସେହି ବର୍ଷଠାରୁ ବହୁ ବିଜ୍ଞଙ୍କ ପରାମର୍ଶ ଓ ନକ୍ଷତ୍ର ଅନୁଯାୟୀ କୋଟିଆରେ ତୃତୀୟା ଦିନ ରଥଟଣା ଅନୁଷ୍ଠିତ ହୋଇଆସୁଛି । ପ୍ରଶାସନ ତରଫରୁ ସୀମାଞ୍ଚଳରେ ସମସ୍ତ ପ୍ରକାର ସୁରକ୍ଷାର ବନ୍ଦୋବସ୍ତ କରାଯାଉଛି । ଏହି ରଥଯାତ୍ରାରେ ଦୁଇ ରାଜ୍ୟର ସୀମା ବିବାଦ ଓ ସମସ୍ତ ଭେଦଭାବଠାରୁ ଦୂରରେ ରହି ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ଅସଂଖ୍ୟ ଭକ୍ତଙ୍କ ସମାଗମ ହୋଇଥାଏ ।

**ଡ. ପରେଶ ରଥ**
**ଏସୋସିଏଟ୍ ପ୍ରଫେସର, ବିଶ୍ଳେଷଣାତ୍ମକ ଆଦିବାସୀ ଗବେଷଣା ପରିଷଦ, କୋରାପୁଟ**
**ମୋ:୯୩୪୮୦୬୭୭୦୦**

“ଶ୍ରୀଜଗନ୍ନାଥ ସଂସ୍କୃତିରେ ରହିଛି ଏକତା, ସଂହତି, ମୈତ୍ରୀ ଏବଂ ଭାତୃଭାବ । ଏଠି ଭେଦଭାବ ନାହିଁ । କୋଟିଆର ବାସିନ୍ଦାଙ୍କ ଦୀର୍ଘ ଦିନର ଦାବିରେ ଦୁର୍ଗମ କୋଟିଆରେ ମନ୍ଦିର ପ୍ରତିଷ୍ଠା ମୋ ସମୟରେ ହେବା ଯାହା ମହାପ୍ରଭୁଙ୍କ ସଦିଚ୍ଛା ।

**-ଡ. ଅରବିନ୍ଦ ପାଢ଼ୀ**





“କୋରାପୁଟର ବିଭିନ୍ନ ସ୍ଥାନରେ ଶାବର ଶ୍ରୀକ୍ଷେତ୍ରର ସଂପ୍ରସାରିତ ଜଗନ୍ନାଥ ମନ୍ଦିରଗୁଡ଼ିକ ପାଇଁ ମୂର୍ତ୍ତି ନିର୍ମାଣ କରିବା ମୋର ପରମ ସୌଭାଗ୍ୟ ।

**-ଶ୍ରୀ ବିଶ୍ୱନାଥ ମହାରଣା**



# ବସ୍ତ୍ରଭୂଷା

**ଅଧରବଳା:** ଠାକୁରଙ୍କ ଶ୍ରୀମୁଖର ଅଧୋଭାଗରେ ଦିଆଯାଉଥିବା ଏକ ଲମ୍ବ ଓ ଗୋଲ ତକିଆ (ଅଧର ବଳୟ) ଅଧର ବଳା ଦିଆଯାଇ ଶ୍ରୀମୁଖ ଓ ଶ୍ରୀଅଙ୍ଗ ମଧ୍ୟବର୍ତ୍ତୀ ଶୂନ୍ୟସ୍ଥାନ ପୂର୍ଣ୍ଣ କରାଯାଏ ।

**ଆଲୁମଣ୍ଡିଆ ଲୁଗା:** ମଣ୍ଡଦିଆ ଧଳାଲୁଗା ।

**ଓଳମାଳ:** ହସ୍ତରେ ଧାଡିଧାଡି ହୋଇ ଓହଳାଯାଉଥିବା ଲୁଗା ଓ ରୁମାଲର ମାଳ । ଜଗନ୍ନାଥଙ୍କ ନାଗାର୍ଜୁନ ବେଶରେ ଶ୍ରୀଭୂଜରେ ଓ ଲୋକ ନର୍ତ୍ତକ ନାଗାର ଦୁଇ ହସ୍ତରେ ଧାଡିଧାଡି ହୋଇ ଓଳମାଳ ସଜାଯାଏ ।

**କାଣ୍ଡହେଙ୍ଗୁଳ:** ଶାରଦୀୟ ତିନି ପୂଜାରେ ବିମଳାଙ୍କ ପାଇଁ ରାଜନବରରୁ ଆସୁଥିବା ଲାଲଶାଢୀ ।

**କାନ୍ଧପଇତି:** ଏକ ବାଇଶ ହାତିଆ କାନ୍ଧ ଚାଦର ବା ଉତ୍ତରୀୟ ।

**କିନାରି:** ଧଡିଯୁକ୍ତ । ନିଳ, ନାଲି କିନାରି ଲୁଗା, ଧଳା କିନାରି ଲୁଗା ।

**କୁସୁମି:** ଗୋଲାପି ରଙ୍ଗ ବୁଡା ହୋଇଥିବା ଏକ ସୂତା ବସ୍ତ୍ର । ସେନାପଟା ଲାଗିରେ ଏହି ବସ୍ତ୍ର ଶ୍ରୀଅଙ୍ଗସାରା ଗୁଡାଇ ଧଳାକନାର ଡୋରରେ ଛକ ପକାଇ ଦିଆଯାଏ । ଫଳରେ ପହଣ୍ଡି ସମୟରେ ଶ୍ରୀଅଙ୍ଗ ରକ୍ଷା ପାଇଁ ଏହା ସାଞ୍ଜୁ ଭଳି କାର୍ଯ୍ୟକରେ ।

**କେନ୍ଦୁଲି ଫେଟା:** ଲାଲରଙ୍ଗର ପାଟ ସୂତା ନିର୍ମିତ ବସ୍ତ୍ର । ଜୟଦେବଙ୍କ ଜନ୍ମସ୍ଥାନ କେନ୍ଦୁବିଲି ପୂର୍ବେ ଶାଢୀ ତିଆରିରେ ପ୍ରସିଦ୍ଧି ଲାଭ କରିଥିଲା । ଜଗନ୍ନାଥ ମନ୍ଦିରର ଜନ୍ମବାସରରେ କେନ୍ଦୁଲି ଫେଟା ଭିନ୍ନ ଅନ୍ୟ ବସ୍ତ୍ର ଲାଗି ହୁଏ ନାହିଁ ।

**ଖଣ୍ଡୁଆ:** ଲାଲ ପାଟ ବସ୍ତ୍ର । ତିଗିରିଆରେ ନିର୍ମିତ ଖଣ୍ଡୁଆ ଠାକୁର ପରିଧାନ କରନ୍ତି । ଦୁଇପ୍ରକାର ଖଣ୍ଡୁଆ ଶ୍ରୀମନ୍ଦିରରେ ବ୍ୟବହୃତ ହୁଏ । ୧ - ତାରାବଳୀ ସଜ - ତାରାଫୁଲ ପଡିଥିବା ଖଣ୍ଡୁଆ, ୨ - ଗୀତଗୋବିନ୍ଦ ଖଣ୍ଡୁଆ - ଗୀତ ଗୋବିନ୍ଦ ବା ରାସପଞ୍ଚାଧ୍ୟାୟୀ ମୁଦ୍ରିତ ଖଣ୍ଡୁଆ ।

**ଖସାପଡା:** ଶ୍ରୀଅଙ୍ଗ ବସ୍ତ୍ର (ଯାହା ଅଣସର, ମହାଅଣସର ସମୟରେ ଶ୍ରୀଅଙ୍ଗରେ ଭିଡା ଯାଇଥାଏ)ର ଫାଟିଯିବା ସ୍ଥାନରେ ଖଳି ଲଗାଯାଇ ଗୁଡାଯାଉଥିବା ଧଳାକନା ।

**ଗଡା:** ଅଣସର ସମୟରେ ବିଶେଷ ଭାବରେ ବ୍ୟବହୃତ ସୁତାଲୁଗା । ଶ୍ରୀପୟରରେ ବାରହାତ ଲମ୍ବ ଓ ଦେଢ ହାତ ଓସାରର ଗଡା ଏବଂ ଘଣା ଲାଗି ନୀତିରେ ଷୋହଳହାତ ଲମ୍ବ ଓ ଦେଢ ହାତ ଓସାରର ଗଡା ଆବଶ୍ୟକ ହୁଏ ।

**ଗଦିଫେଟା:** ଧଳାରଙ୍ଗର ଚେମେଡି । ସକାଳେ ପୂଜା ଉପଚାରାଦିରେ ଠାକୁରଙ୍କୁ ବସ୍ତ୍ର ଭାବରେ ଅର୍ପିତ ହୁଏ ।

**ଗିଲାପି:** ଠାକୁର ରଥାରୁଢ କାଳରେ ବର୍ଷାରୁ ଶ୍ରୀଅଙ୍ଗ ସୁରକ୍ଷିତ ରହିବା ପାଇଁ ଲାଲରଙ୍ଗର କାଶ୍ମିରୀ ବନାତ ବା ପଶମର ଏକ ଆଚ୍ଛାଦାନ ।

**ଘଣା:** ଅଣସର ସମୟରେ ଶ୍ରୀଅଙ୍ଗରେ ଲାଗି ହେଉଥିବା ପାଟ ଡୋରି । ପଚିଶ ହାତିଆ ଘଣା ବର୍ଷେ ଜଗନ୍ନାଥଙ୍କୁ ଲାଗି ହେଲେ ତା' ପରବର୍ଷ ବଳଭଦ୍ରଙ୍କୁ ଲାଗିହୁଏ, କିନ୍ତୁ ସୁଭଦ୍ରାଙ୍କୁ ପ୍ରତିବର୍ଷ ଲାଗିହୁଏ । ଘଣା ଲାଗି ପରେ ଖଳି ଓ ତାପରେ ଖଡି ଲାଗି ହୁଏ ।

**ଘୋଡ:** ଶୀତବସ୍ତ୍ର, ଘୋଡାଇ ହେବା ପାଇଁ ବସ୍ତ୍ର । ମାର୍ଗଶିର ଶୁକ୍ଳ ଷଷ୍ଠୀ (ଓଢଣଷଷ୍ଠୀ ଠାରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଠାକୁରଙ୍କ ଶୀତନୀତିରେ ଏହି ଘୋଡ ଲାଗିହୁଏ) । ବିଭିନ୍ନ ଦିନରେ ଗ୍ରହାନୁକୂଳ ବିଭିନ୍ନ ରଙ୍ଗର ଘୋଡ ବ୍ୟବହୃତ ହୁଏ ।

**ରବିବାର:** ଲାଲ ରଙ୍ଗ

**ସୋମବାର:** କଳାଛିଟା ମିଶା ଧଳା (ଚନ୍ଦ୍ରକାନ୍ତି ଘୋଡ)

**ମଙ୍ଗଳବାର:** ବାର ପଟିଆ ବା ପାଞ୍ଚ ରଙ୍ଗ ମିଶା ଘୋଡ । ବାର ରଙ୍ଗର କଳାପଟା ସିଲେଇ ହୋଇଥିବା ଘୋଡ ।

**ବୁଧବାର:** ନୀଳ ରଙ୍ଗର

**ଗୁରୁବାର:** ବସନ୍ତ ବା ପୀତ ରଙ୍ଗର ।

**ଶୁକ୍ରବାର:** ଶୁକ୍ଳ ରଙ୍ଗର ।

**ଶନିବାର:** କୃଷ୍ଣ ରଙ୍ଗର ।

**ଟେକାଘୋଡ:** ଶୀତ ଟିକିଏ ଛାଡିଗଲେ ଶୀତରେ ଲାଗି ହେଉଥିବା ଝଲକର ଦୁଇପାର୍ଶ୍ୱ ଟେକି ଦିଆଯାଉଥିବାରୁ ତାହାକୁ ଟେକାଘୋଡ କୁହାଯାଏ ।

**ଠିଆଘୋଡ:** ଠିଆ ବାଗରେ ଲାଗି ହୋଇଥିବା ଘୋଡ । ଏହାର





ତିନି ବାଡରେ ଲାଗିହେଉଥିବା ଏକ ବସ୍ତ୍ର ।

**ବର୍ଷପଡି ଶାଢି:** ପୁଷ୍ୟାଭିଷେକ ଦିନ ମୁଦିରଥ ଅଣସର ପିଣ୍ଡିଠାରେ ନିଜ ମୁଣ୍ଡରେ ବାନ୍ଧୁଥିବା ଶାଢି ।

**ବହୁରୁଣି:** ଏକ ଆକାଶୀ ରଙ୍ଗର ବସ୍ତ୍ର । ନକ୍ଷତ୍ର ବନ୍ଦପନା ଓ ଜନ୍ମବିଧିମାନଙ୍କରେ ବହୁରୁଣି ଓ ପତନି ନୂତନ ବସ୍ତ୍ର ଭାବେ ଠାକୁରଙ୍କୁ ପିନ୍ଧାଯାଏ ।

**ବାରିପଟ ଲୁଗା:** ଘୋଡ

ବାରଲାଗି (ଚାରୋଟି ଲେଖାଏଁ ଆଠଟି) ୧ – ଶାଢି ବା ଅନ୍ତବାର୍ସ, ୨ – ଖଣ୍ଡୁଆ । ଅନ୍ତବାର୍ସ ଉପରେ କୁଞ୍ଚି କାଞ୍ଚି ପିନ୍ଧାଯାଏ । ୩ – ଫୁଟା ଶ୍ରୀଭୂଜରେ ଗୁଡାଯାଏ । ୪ – ପହରଣା – ଶ୍ରୀଭୁଜରେ ମାଳ ପରି ପକାଇ ଦିଆଯାଏ । ସୁଭଦ୍ରା ଓ ସୁଦର୍ଶନଙ୍କ ପାଇଁ (ଦୁଇଟି ଲେଖାଏଁ ଚାରୋଟି) । ୧ – ଶାଢି, ୨– ଖଣ୍ଡୁଆ ।

**ବୋଇରାଣୀ:** ଏକାପ୍ରକାରର ଆକାଶୀ ବା ଶାଗୁଆ ରଙ୍ଗର ସୁତା ଲୁଗା । ମହାସ୍ନାନ ଓ ସର୍ବାଙ୍ଗରେ ଲାଗି ହୁଏ । କେତେକ ବିଶେଷ ନୀତିରେ ଲାଗୁଥିବା ଏହି ଦଶ/ ବାରହାତ ଲମ୍ବ ଓ ଦେଢହାତ ଓସାରର ଲୁଗା ଗଞ୍ଜାମର ବୋଇରାଣୀରୁ ବୁଣାଯାଇ ଅଣାଯାଉଥିବାରୁ ଏହି ନାମରେ ପରିଚିତ ଥିବା ଜଣାଯାଏ ।

**ବୋଳା:** ଶ୍ରୀମୁଖ ଚତୁର୍ଦ୍ଦିଗରେ ଦୁଇ ତିନୋଟି ମୋଡା ବା ବୋଳା ହୋଇଥିବା କନାର ଆଭୁଷଣ ।

**ମାଧାବଳୀ ସଜ:** ଚନ୍ଦନ ବୟାଳିଶ ଦିନ ରାତ୍ର ଆଲଟ ଲାଗିବେଳେ ତିନି ଠାକୁର ଗ୍ରୀଷ୍ମ ଉତ୍ତାପରୁ ରକ୍ଷା ନିମନ୍ତେ ଏକ ବସ୍ତ୍ରୀ ବେଶରେ ପରିଧାନ କରିଥିବା ବସ୍ତ୍ର ।

**ମୁକୁସାବାଦିକାଛ:** ଛୋଟଲାଲ ବା ପୀତରଙ୍ଗର ପାଟଲୁଗା । ମଦନମୋହନ, ରାମକୃଷ୍ଣ, ଲକ୍ଷ୍ମୀ, ସରସ୍ୱତୀ ଆଦି ବିଜେ ପ୍ରତିମାମାନଙ୍କୁ ଲାଗି କରାଯାଇଥାଏ ।

**ମୋଡା:** କଳା ଓ ଧଳା ବା ଧଳା ଓ ନାଲି କନା ମୋଡା ହୋଇ ଠାକୁରଙ୍କୁ ମସ୍ତକରେ ସଜା ଯାଉଥିବା ଏକ ବସ୍ତ୍ରଭୂଷଣ ।

**ଯାଉଁଳିକରଡା:** ମୋଡାଭଳି ଏକ ଆଭୂଷଣ । ଲାଲ ଓ ଧଳା କନା ମୋଡି ଏଭଳି ସଜାଇ ଦିଆଯାଇଥାଏ ଯେ ଏଥିରେ ଲାଲ ଲୁଗା କମ କମ ହୋଇ ଇଂରାଜୀ 'ଭି' ଅକ୍ଷର ଭଳି ଦିଶେ । ଏହି ଅଂଶରେ ଶିରପେଞ୍ଚମାନ ଲଗାଯାଏ ।

ବଳା କରିବେ, ଜାଉଳି କରଡିଆମାନ କରିବେ ।

**ଶିକରପଡା:** ମସ୍ତକରେ ଲାଗି ହେଉଥିବା ସୂତା ବା ଖଦୀର ପାତଳ ବସ୍ତ୍ର । ''ଚିତ୍ରନେତ୍ର ପଡୁଛି ଶିରେ ଶ୍ରୀକାପଡା ଗାଛି'' ।

ଲାଗି ସମୟ ନେଇ ମତାନ୍ତର ରହିଛି । ସତ୍ତ୍ୱଲିପି ମତେ ବସନ୍ତ ପଞ୍ଚମୀରୁ ଫଗୁ ଦଶମୀ ଯାଏ ଲାଗି ହୁଏ ।

**ଚନ୍ଦନଗୁଡା:** ରାତିରେ ଚନ୍ଦନ ଲାଗି ବେଳେ ବ୍ୟବହୃତ ଦଶ ଲମ୍ବ ଓ ତିନି ହାତ ଓସାରର ସୂତା ବସ୍ତ୍ର ।

**ଚିହିଲି/ଚେହେଲି:** ଏକ ସିଲ୍କ ବା ରେଶମ ବସ୍ତ୍ର । ଏହା ଏକ ରକ୍ତ ବର୍ଣ୍ଣର । ଅଣସର ଓ ମହାଅଣସରରେ ଶ୍ରୀଅଙ୍ଗରେ ରକ୍ତ ଭାବରେ କଳ୍ପିତ ହୋଇ ବ୍ୟବହୃତ ହୁଏ ।

**ଚେମେଡି:** ଧଳା ପତଳା ସୂତାର ନାଲିକନା ।

**ଜାମା:** ଶୀତର ଆଗମନ ଅପସାରଣ ସମୟରେ ଲାଗିହେଉଥିବା ବସ୍ତ୍ର । ପ୍ରଥମାଷ୍ଟମୀରୁ ଓଢଣ ଷଷ୍ଠୀ ପର୍ଯ୍ୟନ୍ତ, ପୁଣି ବସନ୍ତ ପଞ୍ଚମୀରୁ ଦୋଳ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ଜାମା ଉପରପଟୁ ପିନ୍ଧାଇ ଦିଆଯାଏ । ଏହା କଟି ପାଖରୁ କୁଞ୍ଚ କୁଞ୍ଚ ହୋଇ ଘାଗରା ଭଳି ହୋଇଥାଏ ।

**ଝଲକ:** ଫାଳିକିଆ ସାୟା (ନାରୀଙ୍କ ଅନ୍ତବାର୍ସ ଭଳି) କୁଞ୍ଚ କୁଞ୍ଚ ହୋଇ ଏକ ରେଶମ ବସ୍ତ୍ର । ସାତଦିନ ପାଇଁ ସାତରଙ୍ଗର ଝଲକ ରହିଛି । ଶୀତଦିନେ ବ୍ୟବହୃତ ହୁଏ ।

**ଝୋଲିଲୁଗା:** ଏକ ସୂତାକନା । ଶ୍ରୀମୁଖ ସିଂହାରୀ ସୁନା କୋପରାରେ କର୍ପୂର ମିଶ୍ରିତ ଜଳରେ ଝୋଲିଲୁଗା ବୁଡାଇ ଶ୍ରୀମୁଖମାନ ପୋଛି ଶଙ୍ଖ, କଳା, ହିଙ୍ଗୁଳ ଆଦି ରଙ୍ଗ ଶ୍ରୀମୁଖରେ ଲାଗି କରନ୍ତି ।

**ତଡପ:** ହଳଦିଆ/ କମଳାରଙ୍ଗର ଧଡି ଥାଇ ଏକ ବସ୍ତ୍ର ।

**ତାରାବଳୀ ସଜ:** ଖଣ୍ଡୁଆ ।

**ପତନି:** ରେଶମର ଜାଲି ବସ୍ତ୍ର । ଏହା ଅକ୍ଷୟତୃତୀୟା ଠାରୁ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ହୁଏ । ପତନି ବାର ହାତ ଲମ୍ବ ତିନି ହାତ ଓସାରର ଏକ ସୂତାବସ୍ତ୍ର । କେତେକ ବିଶେଷ ନୀତିରେ ଲାଗେ । ଲମ୍ବରେ ଅଠେଇଶ ହାତ ଓ ଓସାରରେ ଦେଢହାତ ହେଲେ ପତନି ଫୁଟା କୁହାଯାଏ ।

**ପହରଣା:** ଠାକୁରଙ୍କ ବକ୍ଷରେ ଲାଗି ହେଉଥିବା ସୂତା ବା ପାଟବସ୍ତ୍ର । ବଡସିଂହାରରେ ପାଟର ପହରଣା, ଓଢଣ ଷଷ୍ଠୀରୁ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ପହରଣା ଲାଗି ହୁଏ ।

**ପାଗପଟି:** ଠାକୁରଙ୍କ ପଗଡି । ସିଂହାସନ ପ୍ରଭାରେ ଥିବା ଲୁହା କଡାରେ ନାରାଚ (ମଝିରେ ଅପସର ବା ପିଠିତକିଆ ଦେଇ)କୁ ମିଶାଇ ପାଗପଟି ଭିଡାଯାଏ । ପହଣ୍ଡି ସମୟରେ ଏହା କଟାଯାଏ ।

**ପାୟେଡା/ପାହାଡା:** ଦେବତା ବା ରାଜାଙ୍କ ପଥରେ ପ୍ରସାରିତ ବସ୍ତ୍ର । ବସ୍ତ୍ରଖଣ୍ଡ ବା ଲୁଗାଗଡ ।

**କୋଡପାହାଡା:** ଶୀତନୀତିରେ ପାଦତଳୁ ରତ୍ନପଲଙ୍କ ପର୍ଯ୍ୟନ୍ତ ପ୍ରସାରିତ ବସ୍ତ୍ର ।

**ଦଣ୍ଡାପାହାଡା:** ଶୀତନିତିରେ ରତ୍ନପଲଙ୍କ ଠାରୁ ଅଣସର ପିଣ୍ଡି ପର୍ଯ୍ୟନ୍ତ ପ୍ରସାରିତ ବସ୍ତ୍ର ।

**ଫତେଇ:** ଟେକାଘୋଡ ।

**ଫୁଟା:** ଚବିଶହାତ ଲମ୍ବ ଦୁଇହାତ ଓସାରର ଲୁଗା । ଏହା ଉପରେ ଗୀତଗୋବିନ୍ଦ ପଦାବଳୀ ମୁଦ୍ରିତ । ମଧ୍ୟାହ୍ନ ଧୂପ ସମୟରେ ଶ୍ରୀଭୂଜରେ ଗୁଡାଇ ଦିଆଯାଏ ।

୧. ନେତଫୁଟା – (ଟସରର) ଲମ୍ବ ଅଠେଇଶହାତ ଓ ଓସାର ଦେଢହାତ । ସ୍ନାନ ପୂର୍ଣ୍ଣମୀ, ଅଣସର ଓ ଦୋଳ ପୂର୍ଣ୍ଣମୀରେ ବ୍ୟବହୃତ ।

୨. – ସୁତାଫୁଟା – ଅଠେଇଶହାତ ଲମ୍ବ । ମୁଠୁଣିଏ/ମୁଠିଣିରୁ କହୁଣିଏ ପର୍ଯ୍ୟନ୍ତ ଓସାର । ଚୂଳରେ ଲାଗେ ।

୩. ସୁତାଚୁଳଫୁଟା – ଅଠେଇଶ ହାତ ଲମ୍ବ ଓ ଚାଖଣ୍ଡେ ଓସାର । ଶ୍ରୀଜୀଉଙ୍କ ବିଭିନ୍ନ ବେଶରେ ଚୂଳରେ ଲାଗେ ।

**ଫୁଲୁପୁରିଆ ଖଦୀ:** ପ୍ରଥମାଷ୍ଟମୀ ଦିନ ମଧ୍ୟାହ୍ନ ଧୂପ ପରେ





# ଛପନ ଭୋଗ

ଶ୍ରୀମନ୍ଦିରର ରୀତିନୀତି ଭଳି ଏହାର ଭୋଗ ମଧ୍ୟ ଖୁବ ସ୍ୱତନ୍ତ୍ର । ଶ୍ରୀଜିଉଙ୍କ ନିକଟରେ ପ୍ରତିଦିନ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଭୋଗ ଲାଗିଥାଏ, ଯାହା ବିଭିନ୍ନ ସମୟରେ ହେଉଥିବା ଧୂପରେ ଠାକୁରଙ୍କୁ ଅର୍ପଣ କରାଯାଇଥାଏ । ମନ୍ଦିରରେ ସକାଳ, ଦିପହର ବି ମଧ୍ୟାହ୍ନ ଏବଂ ସନ୍ଧ୍ୟାଧୂପ ଏହି ତିନି ଧୂପରେ କୋଠଭୋଗ ଓ ସକାଳ ଧୂପରେ ଭୋଗ ମଣ୍ଡପରେ ଛତ୍ରଭୋଗ ବା ଯଜମାନୀ ଭୋଗ କରାଯାଇଥାଏ । ଆବଶ୍ୟକତା ଅନୁଯାୟୀ ଏକାଧୀକ ଭଅଣ୍ଡ (ପଛଭଅଣ୍ଡ) ଅନୁଷ୍ଠିତ ହୋଇଥାଏ ।

**ଅନ୍ନ:** ଅଭଡା(ସାଦା ଅନ୍ନ), ଘିଅ ଅନ୍ନ, କାନିକା, ଓରିଆ, ଅଦା ହେଙ୍ଗୁ ଖେଚୁଡି, ପୀତ ଅନ୍ନ,ରସାବଳୀ ଅନ୍ନ, ଏକବର୍ଣ୍ଣୀ ।

**ପଖାଳ:** ସୁବାସ ପଖାଳ, ମଲ୍ଲୀଫୁଲ ପଖାଳ,ଟଭା ପଖାଳ ।

**ଡାଲି:** ହରଡରୁ ପ୍ରସ୍ତୁତ ମିଠା ଡାଲି, ଡାଲମା,ଗୋଟା ଓ ଜାଇମୁଗ, ଫାଳସୋଲା ଓ ବିରି ଡାଲି ।

**ତିଉଣ:** ଶାଗ, ବେସର, ମହୁର,ପିତା, ଗୋଟିବାଇଗଣ, ଦହିବାଇଗଣ, ପୋଟଳରସା ।

**ମଧୂରୁଚି:** ମଇଦା, ସେଓ, ଅଙ୍ଗୁର, ନାସପାତି, ଖିସ୍‌ମିସ୍ ଆଦି ଦ୍ୱାରା ପ୍ରସ୍ତୁତ ମଧୁର ଖଟା ।

**ରାଇତା:** ପାଣିକଖାରୁ, ମୂଳା ଆଦି ପଡି ପ୍ରସ୍ତୁତ ହୋଇଥାଏ ।

**ପିତା:** ସାଦା ତରକାରିରେ ସୋରିଷ ଓ ମେଥି ପଡି ପ୍ରସ୍ତୁ ହୋଇଥାଏ ।

**ମରିଚି ପାଣି:** ବାଇଗଣ, କଦଳୀ, ତରକାରିରେ ଗୋଲମରିଚ ଭାଗ ଅଧିକ ରହି ପ୍ରସ୍ତୁତ ହୁଏ ।

**ଶାକରା:** କଖାରୁ, ତେନ୍ତୁଳିମଣ୍ଡ ଓ ଗୁଡରେ ପ୍ରସ୍ତୁତ ହୋଇଥାଏ ।

**ଅଧର ପଣା:** ବାହୁଡା ପରେ ସିଂହଦ୍ୱାରରେ ଠାକୁର ରଥାରୂଢ ଅବସ୍ଥାରେ ଶ୍ରୀଅଧରକୁ ପାଇଲା ଭଳି ତିନୋଟି ହାଣ୍ଡିରେ ଅର୍ପିତ ପଣା ।

**ଅନ୍ତରୀକ୍ଷ ମଣ୍ଡା:** ଏକ ପିଠା ।

**ଅମାଲୁ:** ଅଟା, ଚାଉଳଚୁନାରେ ତିଆରି, ଘିଅରେ ଛଣା ପିଠା ।

**ଆରିସା:** ଅଟା, ଚାଉଳଚୂନା, ଗୁଡ, ବିରିରେ ଫେଣ୍ଟି ଚକଟି ବିଣ୍ଡକରି ସେଥିରୁ ଆରିସା ଘିଅରେ ଛଣା ହୋଇଥାଏ ।

**ଏଣ୍ଡୁରି:** ଚୋପାଲଗା ବିରି ବଟାଯାଇ ଅଦା, ଗୋଲମରିଚ, ଖୁଦି ନଡିଆ ପଡି ଅଥାରରେ ସିଝାଯାଇଥାଏ । ସକାଳୁ ଧୂପରେ ଲାଗେ ।



**ଓରିଆ:** ଅଭଡାରେ ଘିଅ , କମଳା ରସ ଓ ଲୁଣ ମିଶାଇ ପ୍ରସ୍ତୁତ ।

**କଅଁଳ ପୁଳି:** ଏକପ୍ରକାର ପୁଳି ପିଠା ।

**କଡମ୍ବା:** ଚାଉଳ ଅଟା, କ୍ଷୀର ଓ ଗୁଡରେ ଅଟକାଳି ଭଳି ଏକ କ୍ଷୀରି ।

**କଦଳୀ ତଳିଆ:** ଗୋଟା କଦଳୀ ଚୋପା ଛଡାଯାଇ ଚାରିସୋରା ହୋଇ ଗୋଟାସୁଦ୍ଧା ଘିଅରେ ଭଜା ହୋଇଥାଏ ।

**କାଳତୁଆ ଝିଲି:** ଏକପ୍ରକାର କୋମଳ ଝିଲି ।

**କାକରା:** ଅଟା ଓ ଗୁଡରେ ପ୍ରସ୍ତୁତ ଏକ ପିଠା ।

**କାକେରି:** ସାନ କାକରା । ପହିଲି ଭୋଗରେ ଲାଗେ ।

**କାନ୍ତି:** ଚୋପାଛଡା ବଟା ମୁଗରେ ତିଆରି ଏକ ପିଠା ।

**କେଳି:** ଅଟାରେ ଛେନା ଦିଆଯାଇ ଗୋଲ ଗୋଲ ହୋଇ ଘିଅରେ ଛଣାଯାଇ ଗୁଡରେ ପାଗ ହୋଇଥିବା ପିଠା ।

**କୋଠଭୋଗ:** ଖଞ୍ଜାଭୋଗ ।

**କ୍ଷୀରି:** କ୍ଷୀର ଚାଉଳ ଆଦିରେ ପ୍ରସ୍ତୁତ ମିଠା ଦ୍ରବ୍ୟ ।

**କ୍ଷୀରିସା:** କ୍ଷୀରିରେ ବଡି ପଡି ପ୍ରସ୍ତୁତ ହୋଇଥାଏ ।

**ଖଇର ଚୂଳ:** ଚାଉଳଚୁନା, ଗୁଡ ଓ ଗୋଲମରିଚରେ ପ୍ରସ୍ତୁତ ବଡି ଚୂଳିଆ ଲଡୁ । ଦ୍ୱିପହର ଧୂପରେ ଲାଗିଥାଏ ।

**ଖଜା:** ମଇଦା, ଚିନି, ଓ ଘିଅରେ ପ୍ରସ୍ତୁତ ଏକ ପାକ ଦ୍ରବ୍ୟ ।

**ଖୁସି:** ଚାଉଳ ଚୂନା ଓ ସିଠାରେ ତିଆରି ଏକ ପିଠା ।

**ଗଇଁଠା:** ଚାଉଳ ଚୂନାରେ ତିଆରି ଏକ ପିଠା ।

**ଗଜା:** ଗହମ ଚୂନା ଓ ଘିଅରେ ତିଆରି ଏକ ପିଠା ।

**ଗୋଟାଳି:** ଝଡେଇନଦେଦା ମେଞ୍ଚାକରି ପ୍ରସ୍ତୁତ ଏକ ପିଠା ।

**ଗୋପାଳ ବଲ୍ଲଭ:** ଏହି ଭୋଗରେ ପାଗଖଇ, ନଡିଆକେରା,ପାଚିଲା କଦଳୀ, ଖୁଆମଣ୍ଡା, ଦହି, ମାଖନ, ଗୁଦିନଡିଆ ଭୋଗ ହୋଇଥାଏ ।

**ଘଣ୍ଟଛତା ଭୋଗ:** ଘଣ୍ଟ ଛତି, କାହାଳୀ ସମଭିବ୍ୟାହାରରେ ଆଗରେ ତଳିଛ ଓ ପ୍ରଧାନୀ ହାତପଇଠ ହୋଇ ନିଆଯାଉଥିବା ନୈବିଦ୍ୟ ।

**ଘେଉଳି:** ଅଟାରେ ଲୁଣଖୁରୁମା ଭଳି ଚକାଚକା କରି ଭାଜି ଗୁଡରେ ପାଗ କରି ପ୍ରସ୍ତୁତ ହେଉଥିବା ଏକ ପିଠା ।

**ଚକଟା ଭୋଗ:** କ୍ଷୀର, ଛେନା, କଦଳୀରେ ପ୍ରସ୍ତୁତ ଏକ ଭୋଗ ।

**ଚକୁଳି:** ଚାଉଳ ଚୁନା, ଅଟା ଓ ଘିଅରେ ପ୍ରସ୍ତୁତ ହୁଏ । ବର୍ଷରେ ତିନିଥର ଭୋଗ ହୁଏ ।

**ଚଣ୍ଡମାଠପୁଳି:** ପୂଜକଙ୍କୁ ଚଣ୍ଡ ଭାବରେ ମିଳୁଥିବା ପୁଳିପିଠା ।

**ଚନ୍ଦ୍ରକାନ୍ତି:** ଏକପ୍ରକାର ସଫେଦ ଓ ଗୋଲାକାର ପିଠା ।

**ଚାଚେରୀ ଭୋଗ:** ଚାଚେରୀ ବେଶ ପରେ କରାଯାଉଥିବା ଭୋଗ ।

**ଚାଟି ଭାତ:** ସରା ମଧ୍ୟରେ ସମାନ ଅନ୍ନ ରଖାଯାଇ ମଝିରେ ଲିଙ୍ଗ ଶକ୍ତି ଭଳି ହାତରେ ସଜାଇ ଦିଆଯାଏ ।

**ଚିତଉ:** ଚୂନା ଓ ନଡିଆରେ ପ୍ରସ୍ତୁତ ହୁଏ ।

**ଛତ୍ରଭୋଗ:** ଯାତ୍ରୀ ବା ମଠମାନଙ୍କ ଦ୍ୱାରା ଅତିଥି ଅଭ୍ୟାଗତ, ସାଧୁସନ୍ୟାସୀ, ଦରିଦ୍ର ବ୍ରାହ୍ମଣମାନଙ୍କୁ ଦିଆଯାଉଥିବା ଭୋଗ ।

**ଜଗନ୍ନାଥ ବଲ୍ଲଭ:** ଅଟା, ଚିନି ଓ ଘିଅରେ ପ୍ରସ୍ତୁତ ଏକ ମିଠା ଦ୍ରବ୍ୟ ।

**କେଉଡ ଭୋଗ:** କେଉଟ ଫଳ, ତେନ୍ତୁଳି ଗୁଡ, କଖାରୁ, କଦଳୀ ଆଦି ମିଶି ପ୍ରସ୍ତୁତ ହୋଇଥାଏ ।

**ଜେନାମଣି:** ଏକ ବିରି ପିଠା ।

**ଜେମାମଣି:** ଏକ ବିରିପିଠା ।

**ଚଢେଇ ନେଦା/ଝଡେଇ ନେଦା:** ବିଭିନ୍ନ ପିଠାର ଗୁଣ୍ଡ ଝାଡି ଗୁଡରେ ପକାଇ ଚକଟି ଘିଅରେ ଭାଜି ପ୍ରସ୍ତୁତ କରାଯାଉଥିବା ମିଷ୍ଟଦ୍ରବ୍ୟ ।

**ଟାକୁଆ:** ଚାଉଳ ଚୂନା ଓ ଗୁଡ ଚକଟି ଭାଜି ପ୍ରସ୍ତୁତ ପିଠା ।

**ଡାଳିମ୍ବ:** ଚାଉଳ ଚୂନା ଓ ଗୁଡରେ ତିଆରି ଲଡୁ ।

**ଡାଳିମ୍ବ ଅନ୍ନ:** ବଗଡା ଅନ୍ନ ।

**ତରାଣ୍ଡୁ:** ବିରି ଓ ଚାଉଳ ଚୂନାରେ ତିଆରି ଘିଅରେ ଛଣା ପିଠା ।


**ତାଡିଆ:** ବିରି ବା ଛେନାରେ ତିଆରି ଏକ ପିଠା ।

**ତିପୁରି:** ଗରୁଡ ଗୋବିନ୍ଦ ଗଛର ଛେଲିକୁ କୁଟି ପାଣିରେ ପକାଇ ନାଳଭଳି କରି ଚାଉଳରେ ଗୋଳାଇ ଘିଅ କଡେଇରେ ଆଙ୍ଗୁଠି ସାହାଯ୍ୟରେ ପକାଯାଇ ବୁନ୍ଦିଆ ଚଟୁରେ ଛଣାଯାଇଥିବା ମିଷ୍ଟଦ୍ରବ୍ୟ ।

**ଦରଶୁଆ ଝିଲି:** ଏକପ୍ରକାର ବଡ ଝିଲି । ପହିଲି ଭୋଗରେ ଲାଗେ ।

**ଦରଶୁଆ ବଡି:** ଏକପ୍ରକାର ବଡ ବଡି । ପହିଲି ଭୋଗରେ ଲାଗେ ।

**ଦହି ପଟି:** ଓଳିଏ ଦହି ସହ ଶାକର ବା କୋରା ଭୋଗ ।







**ଧଉଳ:** ଚାଉଳ ଚୂନା ଚକଟି ଗୁଳା କରି ଭାଜି ଗୁଡରେ ପାଗ କରି ଖଣ୍ଡରେ ଗଡାଇ ଧଳାକରି ପ୍ରସ୍ତୁତ କରାଯାଇଥାଏ ।
**ନଳି:** ଗହମ ଚୂନା ଓ ଗୁଡରେ ତିଆରି ଲମ୍ବା ପିଠା ।
**ନାଡ଼ି:** ବିରି ବା ବେସନରେ ତିଆରି ଏକପ୍ରକାର ପିଠା ।
**ନାନମାନ:** ଚାଉଳ ଚୂନାରେ ତିଆରି ପୁରଦିଆ ଘିଅ ଛଣା ମଣ୍ଡା ।
**ଲୁଣୁଡା ଲିଆ:** ଲୁଣିଆ ଲିଆ । ବାଲଭୋଗରେ ଲାଗେ ।
**ନେଫେଡା ତରକାରି:** ଏକପ୍ରକାର ଅକଟା, ଅବଟା ଓ ଅଫୁଟା ତରକାରି ।
**ପଣସୁଆ:** ଏକପ୍ରକାର ଲମ୍ବାଳିଆ ଲଡୁ । ରାଜାଙ୍କ ଟାଟରେ ଯାଏ ।
**ପହଲି ଭୋଗ:** ଶୀଘ୍ର ହେଉଥିବା ଭୋଗ ।
**ପାଚେଡ଼ି:** ସରୁ, ଚେକାଚେକା ହୋଇ ଅଦାରେ ତେନ୍ତୁଳି ମଣ୍ଡ ଓ ଖଣ୍ଡ ଦିଆଯାଇଥିବା ପ୍ରସ୍ତୁତ ସ୍ୱାଦିଷ୍ୟ ଭୋଜ୍ୟ ।
**ପାପୁଡ଼ି:** ଶୁଖିଲାସର ଚଉଡା ହୋଇ ମିଠା ଦିଆଯାଇ ପ୍ରସ୍ତୁତ ହୁଏ ।
**ପାରିଜାତକ:** ଅଟା ଓ ଛେନାରେ ତିଆରି ଏକ ପିଠା ଘିଅରେ ଛଣା ହୋଇ ଚିନିପାଗ ଦିଆଯାଏ ।
**ପୀତଅନ:** ଅନରେ ହଳଦୀ, ଲୁଣ, ଘିଅ ପଡି ପ୍ରସ୍ତୁତ ହେଉଥିଲା ।
**ପୁରି:** ମଇଦାରେ ତିଆରି ଏକ ପିଠା ।
**କଅଁଳପୁଳି:** ବଟାବିରିରେ ଖୁଦି ନଡ଼ିଆ, ମସଲା ପଡି ପ୍ରସ୍ତୁତ ପିଠା ।
**ମାଠପୁଳି:** ବିରି, ଅଦା, ନଡ଼ିଆ, ଖଣ୍ଡ ପଡ଼ି ଘିଅ ଛଣା ପିଠା ।
**ଚଣ୍ଡମାଠପୁଳି:** ମାଠପୁଳିରୁ ପୂଜାପଣ୍ଡାଙ୍କୁ ମିଳୁଥିବା ଚଣ୍ଡ ।
**ସରପୁଳି:** ପିଷ୍ଟକ ବିଶେଷ ।
**ପୋଡପିଠା:** ଛେନା,ସୁଜି ଓ ଚିନିରେ ପ୍ରସ୍ତୁତ ହୁଏ ।
**ଫେଣି:** ଚିନିରେ ମାଟିତାଡ ଆକୃତିର ମିଷ୍ଟଦ୍ରବ୍ୟ ।
**ବଡ଼ିକଣ୍ଢେଇ:** ବଡ ବଡି ଓ କଞ୍ଚା ଆରିସାକୁ ଛୋଟ କରି ଛିଣ୍ଡାଇ ଘିଅରେ ପୁଆଁଇ ଛାଣି ତିଆରି କରାଯାଏ ।
**ବଳିବାମନ ମୁଗ:** ଅଦାଖଣ୍ଡ ମିଶା ଗୋଟା ମୁଗ ତିଉଣ ।
**ବାଳଭୋଗ:** ଆଶ୍ୱିନ ଶୁକ୍ଲ ଏକାଦଶୀରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏକ ଅତିରିକ୍ତ ଧୂପ ବା ବାଳଧୂପରେ ହେଉଥିବା ଭୋଗ ।
**ବେଶକ୍ଷୀରି:** ପଦ୍ମଗଜ ଉଦ୍ଧାରଣ ଆଦି ବେଶ ଦିନରେ ଭୋଗ ଲାଗୁଥିବା ସୁଜି ବା ଚାଉଳ ଖିରି ।
**ମଇଲମ ଭୋଗ:** ଧୂଆ ମୁଗ ଓ କୋରା ନଡିଆ ଏହି ଭୋଗରେ ଲାଗେ ।
**ମନୋହର:** ଚାଉଳ ଚୂନାର ଲଡୁ, ଲିଆ ଗୁଣ୍ଡ ଓ ଗୁଡରେ ପ୍ରସ୍ତୁତ ମୁଆଁ ।





**ମଚିରି ଲଡୁ:** ଚାଉଳ ଚୂନାରେ ଗୋଲମରିଚ ଓ ମିଠା ଭୋଗ ଦିଆଯାଇ ପ୍ରସ୍ତୁତ ଲଡୁ ।
**ମାଣ୍ଡୁଆ:** ଛେନାରେ ତାଡିଆ ତିଆରି ହୋଇ, ପଟ ଲେଖାଏଁ ସରାରେ ବସାଯାଇ ତାହା ଉପରେ ଖଣ୍ଡ ଦିଆଗଲେ ତାହାକୁ ମାଣ୍ଡୁଆ କୁହାଯାଏ ।
**ମୁଗେଇ:** ମୁଗକୁ ସିଝେଇ ଅଦା ମସଲା ଦେଇ ଘିଅରେ ଭଜାଯାଇ ପ୍ରସ୍ତୁତ କରାଯାଏ ।
**ମେଣ୍ଢାମୁଣ୍ଡିଆ ଖେଚୁଡ଼ି:** ଅଦା, ହେଙ୍ଗୁ, ଲୁଣ ପଡି ପ୍ରସ୍ତୁତ ଖେଚୁଡ଼ି ।
**ମୋଡ଼ିଆ:** ସରୁଚକୁଳି ଭଳି ଏକପ୍ରକାର ପିଠା ।
**ମୋହନ ଭୋଗ:** ସୁଜିର ହାଲୁଆ ।
**ଯାତ୍ରାଙ୍ଗୀ ଭୋଗ:** ଠାକୁରଙ୍କ ଯାତ୍ରାନୀତି, ପୂର୍ବରୁ କରାଯାଉଥିବା ଭୋଗ ।
**ରସଗୋଲା ଭୋଗ:** ଠାକୁରଙ୍କ ନୀଳାଦ୍ରି ବିଜେ ଅବସରରେ କରାଯାଉଥିବା ମିଠା ଭୋଗ ।
**ରସାବଳୀ:** କ୍ଷୀରରେ ତାଡିଆ ଆଦି ପଡି ପ୍ରସ୍ତୁତ ହୁଏ ।
**ରୋଷପାଇକ:** ବିରି ଓ ଚାଉଳ ଚୂନାରେ ତିଆରି ଏକ ପିଠା ।
**ଷୋଳଟିଆ ପଣା:** ଚନ୍ଦନ ୪୨ ଦିନ ଯାତ ଭୋଗରେ ଲାଗୁଥିବା ୧୬ ଓଳି ପଣା ।
**ଷୋଳଶାସନ ଭୋଗ:** ପ୍ରତିବର୍ଷ କାର୍ତ୍ତିକ ଶୁକ୍ଳ ସପ୍ତମୀ ଦିନ ମୁକ୍ତିମଣ୍ଡପ ପକ୍ଷରୁ ହେଉଥିବା ବିପୁଳ ପରିମାଣରେ ଏକ ଭୋଗ ।
**ସରକୁମ୍ଭ:** ଗହମ କାକରାକୁ ମାଟି ସରାରେ ଦେଉଳିଆ କରି ବସାଇ ତାହା ଉପରେ କନ୍ଦଗୁଣ୍ଡ ସିଞ୍ଚାଯାଏ ।
**ସରପୁଳି:** ବିରି ଓ ଘିଅରେ ପ୍ରସ୍ତୁତ ଏକ ପିଠା ।
**ସରବଡ଼ା ପିଠା:** ବିରି ଓ ଚାଉଳ ଚୂନାରେ ତିଆରି ଲୁଣ ଓ ଖଣ୍ଡ ଆଦି ପଡି ଏକ ପିଠା ।
**ସାତପୁରି:** ପୁର କାକରା ଓ ନଡିଆ ପୁର ଭୋଗ ।
**ସୁଆର ପିଠା:** ବିରି ଓ ଚାଉଳର ପିଠା ।
**ସୁଆରି:** କ୍ଷୀରରେ ଛେନା, ଛେନା ମାଣ୍ଡୁଆ ପଡି ପ୍ରସ୍ତୁତ ହୋଇଥାଏ ।
**ସୋଦୁଅ:** ଅଟା, ଗୁଡ ଓ ଘିଅର ତିଆରି ଏକ ମିଷ୍ଟଦ୍ରବ୍ୟ ।
**ହାତପୋଡ଼ା ଅମାଲୁ:** ବଡ ଅମାଲୁ । ସନ୍ଧ୍ୟା ଧୂପରେ ଏଥିରୁ ତିନୋଟି ତିନି ଠାକୁରଙ୍କ ପାଖରେ ଲାଗେ ।
**ଲକ୍ଷ୍ମୀ ବିଳାସ:** ଗୋଲ ଖଜା ।
**ମହୁଣିଆ:** ବିରିରେ ଗୁଲୁଗୁଲା ଭଳି ଛଣାଯାଉଥିବା ଏକ ପିଠା ।